ରେଜିଷ୍ଟ୍ରୀ ସଂଖ୍ୟା ଡି· ଏଲ୍·୩୩୦୪୯/୯୯

ସତ୍ୟମେବ ଜୟତେ

# ଭାରତର ରାଜପତ୍ର

ଅସାଧାରଣ
ପ୍ରାଧିକାର ଦ୍ୱାରା ପ୍ରକାଶିତ
ଭାଗ–୧, ଖଣ୍ଡ–୧
ନୂଆଁଦିଲ୍ଲୀ, ସୋମବାର, ମଇ ୧, ୨୦୧୭ ବୈଶାଖ ୧୧, ୧୯୩୯

DRAFT

**କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ**
**(ପଶୁପାଳନ, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟ ବିଭାଗ )**
**ଅଧିସୂଚନା**
ନୂଆଁଦିଲ୍ଲୀ,୨୮ଏପ୍ରିଲ,୨୦୧୭
ସାମୁଦ୍ରିକ ମତ୍ସ୍ୟସମ୍ପଦ ସମ୍ବନ୍ଧୀୟ ଜାତୀୟ ନୀତି

**ଏଫ୍· ନମ୍ବର ୨୧୦୦୧/୦୫/୨୦୧୪– ଏଫ୍· ୱାଇ –ପଞ୍ଚମ ଖଣ୍ଡ–ପ୍ରସ୍ତାବନା**

**୧·୦** ରାଷ୍ଟ୍ରୀୟ ସାମୁଦ୍ରିକ ମତ୍ସ୍ୟସମ୍ପଦ ନୀତି (ଏନ୍· ପି· ଏମ୍· ଏଫ୍·)ର ମୂଳ ଲକ୍ଷ୍ୟ ହେଲା ଦେଶର ବିଶିଷ୍ଟ ଅର୍ଥନୈତିକ ଅଞ୍ଚଳ (ଇ·ଇ·ଜେଡ୍· )ରେ ନିହିତ ଜୈବିକ ସାମୁଦ୍ରିକ ମତ୍ସ୍ୟ ସମ୍ବଳର ସ୍ୱାସ୍ଥ୍ୟ ଓ ପାରିବେଶିକ ଶୁଦ୍ଧତାକୁ ସତତ ନିୟୋଜନ ଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତ ପୀଢ଼ିର ଉପକାର ପାଇଁ ସୁନିଶ୍ଚିତ କରିବା । ଏନ୍· ପି· ଏମ୍· ଏଫ୍·୨୦୧୭ର କାର୍ଯ୍ୟନୀତି ସାତୋଟି ସ୍ତମ୍ଭ ଯଥା ଚିରନ୍ତନ ବିକାଶ, ମତ୍ସ୍ୟଜିବୀମାନଙ୍କ ସାମାଜିକ ଓ ଅର୍ଥନୈତିକ ଅଗ୍ରଗତି, ଭାଗିଦାରୀ, ସହାୟତାର ସିଦ୍ଧାନ୍ତ, ପିଢ଼ୀଗତ ସମାନାନ୍ତର ସହଭାଗିତା, ଲୈଙ୍ଗିକ ନ୍ୟାୟ ତଥା ସତର୍କତାମୂଳକ ପଦକ୍ଷେପ ଉପରେ ଆଧାରିତ । ଏଇ ସାତୋଟି ସ୍ତମ୍ଭ ଦେଶର ସାମୁଦ୍ରିକ ମତ୍ସ୍ୟସମ୍ପଦ ପାଇଁ ଯେଉଁ ଭବିଷ୍ୟତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି**,** ସେ ଦିଗରେ ଦେଶର ପଣଧାରୀମାନଙ୍କ କାର୍ଯ୍ୟକଳାପକୁ ନିର୍ଦ୍ଧାରଣ କରିବ । ଯଦିଓ ମତ୍ସ୍ୟଜିବୀମାନେ ଏହି ନୀତିର କେନ୍ଦ୍ରବିନ୍ଦୁ ହେବେ, ସମସ୍ତ କାର୍ଯ୍ୟକଳାପ "ଜନ ଆସ୍ଥା ସିଦ୍ଧାନ୍ତ" ଉପରେ ପର୍ଯ୍ୟବସିତ ହେବ ।

ଭାରତର ବିଶିଷ୍ଟ ଅର୍ଥନୈତିକ ଇଲାକା (ଇ·ଇ·ଜେଡ୍·) ୨·୦୨ ନିୟୁତ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ, ଉପକୂଳ ୮୧୧୮ କିଲୋମିଟର ଦୀର୍ଘ , ସମୃଦ୍ଧ ଓ ବିବିଧ ଜୈବିକ ସାମୁଦ୍ରିକ ମତ୍ସ୍ୟ ସମ୍ବଳରେ ପୂର୍ଣ୍ଣ ଦିଓଟି ବିରାଟ ଦ୍ୱୀପପୁଞ୍ଜକୁ ନେଇ ଗଠିତ ।
ଅଟକଳ ଅନୁଯାୟୀ ସାମୁଦ୍ରିକ ମତ୍ସ୍ୟସମ୍ପଦରୁ ବାର୍ଷିକ ପ୍ରାୟ ୪·୪୧୨ ନିୟୁତ ମେଟ୍ରିକ୍ ଟନ୍ ଉତ୍ପାଦନର ସମ୍ଭାବନା ରହିଛି ।
ହିସାବ ଅନୁସାରେ ୪୦ ଲକ୍ଷ ଲୋକ ଜୀବିକା ପାଇଁ ସାମୁଦ୍ରିକ ମତ୍ସ୍ୟସମ୍ବଳ ଉପରେ ନିର୍ଭର କରନ୍ତି ।

ଅର୍ଥନୀତିକୁ ସାମୁଦ୍ରିକ ମତ୍ସ୍ୟସମ୍ପଦର ଅବଦାନ ୬୫୦୦୦ କୋଟି ଟଙ୍କା ବୋଲି ମୂଲ୍ୟାଙ୍କନ କରାଯାଇଛି ।

ସାମୁଦ୍ରିକ ମତ୍ସ୍ୟସମ୍ପଦ ଖାଦ୍ୟ, ପୋଷଣ, ନିଯୁକ୍ତି ଓ ଆୟର ଏକ ମୁଖ୍ୟ ପନ୍ଥା ଏହା ସ୍ୱୀକାର କରିବାକୁ ପଡ଼ିବ ।

ଏକଥା ହୃଦ୍ ବୋଧ ହେବା ଉଚିତ ଯେ ସାମୁଦ୍ରିକ ମତ୍ସ୍ୟସମ୍ପଦର ଦେଶର ରପ୍ତାନୀଜନିତ ଆୟ ଓ ବ୍ୟବସାୟରେ ସନ୍ତୁଳନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

ଏଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ଯେ ଦେଶର ସାମୁଦ୍ରିକ ମତ୍ସ୍ୟସମ୍ପଦ ବିବିଧ କିନ୍ତୁ ମୁଖ୍ୟତଃ ଦେଶର ସାମାନ୍ୟ ସ୍ତରରେ କ୍ଷୁଦ୍ର ଓ ପାରମ୍ପରିକ ମାଛଧରାଳିମାନଙ୍କୁ ନେଇ ଗଠିତ ।

ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ ଯେ ସାମୁଦ୍ରିକ ମତ୍ସ୍ୟସମ୍ପଦ କ୍ଷେତ୍ର ସହିତ ସରକାରୀ ଓ ବେସରକାରୀ ସଂସ୍ଥାକୁ ଛାଡ଼ି ଅନ୍ୟ ପଣଧାରୀମାନେ ମଧ୍ୟ ସଂଶ୍ଳିଷ୍ଟ ।

ଏହା ଗ୍ରହଣ କରିବାକୁ ହେବ ଯେ ସତତ ବିକାଶ ଶୈଳୀ ଦ୍ୱାରା ସାଗରୀୟ କୃଷି ମାଧ୍ୟମରେ ଦେଶର ମତ୍ସ୍ୟ ଉତ୍ପାଦନରେ ବୃଦ୍ଧିର ସମ୍ଭାବନା ରହିଛି ।

ଏ କଥା ଜାଣିବା ଉଚିତ ଯେ ସାମୁଦ୍ରିକ ସମ୍ବଳ ଅସରନ୍ତି ନୁହେଁ ଓ ଅତିଦୋହନର ସମ୍ଭାବନା ରହିଛି । ଏ କଥା ହୃଦ୍ ବୋଧ ହେବା ଉଚିତ ଯେ ଏଭଳି ଅତିଦୋହନ ଯୋଗୁଁ ଜୈବ ବିବିଧତାର ଅବକ୍ଷୟ ଘଟିବ ଓ ଭବିଷ୍ୟତ ପିଢ଼ୀ ପାଇଁ ସମ୍ବଳର ଉପଲବ୍ଧତା ହ୍ରାସ ହେବ ।

ଏଥିପ୍ରତି ଧ୍ୟାନ ରଖିବାକୁ ହେବ ଯେ ଦେଶ ସାମୁଦ୍ରିକ ମତ୍ସ୍ୟ ସମ୍ବଳର ସତତ ବିନିଯୋଗ ନିମିତ୍ତ ଆନ୍ତର୍ଜାତିକ ବୁଝାମଣା/ଚୁକ୍ତି ମାନିବାକୁ ପ୍ରତିଶ୍ରୁତିବଦ୍ଧ ।

ଏନ୍· ପି· ଏମ୍· ଏଫ୍·–୨୦୧୭ ଦେଶର ସାମୁଦ୍ରିକ ମତ୍ସ୍ୟସମ୍ପଦ କ୍ଷେତ୍ରରେ ନିମ୍ନୋକ୍ତ ପରିକଳ୍ପନା, ଧ୍ୟେୟ ଓ କାର୍ଯ୍ୟନୀତି ଉପରେ ଆଧାରିତ ।

### ପରିକଳ୍ପନା

ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ୀର ଆବଶ୍ୟକତା ପୂରଣ କରୁଥିବା ଏକ ସୁସ୍ଥ ଓ ସକ୍ରିୟ ଜୈବିକ ସାମୁଦ୍ରିକ ମତ୍ସ୍ୟସମ୍ପଦ କ୍ଷେତ୍ର

### ମିଶନ/ଧ୍ୟେୟ

ସମ୍ବଳର ଚିରନ୍ତନତାକୁ ସମସ୍ତ ପଦକ୍ଷେପର କେନ୍ଦ୍ରରେ ରଖି ଏହି ନୀତିର ଢାଞ୍ଚା ଜାତୀୟ, ସାମାଜିକ ଓ ଅର୍ଥନୈତିକ ଲକ୍ଷ୍ୟ, ଜୀବିକାର ଚିରନ୍ତନତା ଓ ମତ୍ସ୍ୟଜିବୀ ସମୁଦାୟର ଉନ୍ନତି ହାସଲ କରିବ ଓ ଏହା ଦେଶରେ ସାମୁଦ୍ରିକ ମତ୍ସ୍ୟସମ୍ପଦର ସମନ୍ୱୟ ଓ ପରିଚାଳନାକୁ ଆଗାମୀ ଦଶ ବର୍ଷ ପର୍ଯ୍ୟନ୍ତ ମାର୍ଗଦର୍ଶନ ଦେବାପାଇଁ ଉଦ୍ଦିଷ୍ଟ ।

### କାର୍ଯ୍ୟନୀତି

#### ଭାରତର ସାମୁଦ୍ରିକ ମତ୍ସ୍ୟସମ୍ପଦ କ୍ଷେତ୍ର –ଏକ ରୂପରେଖ

୨·୦ ଭାରତୀୟ ବିକାଶମୂଳକ ଯୋଜନାର ପ୍ରାରମ୍ଭରେ ସାଧାରଣଭାବେ ମତ୍ସ୍ୟସମ୍ପଦ କ୍ଷେତ୍ର ଓ ନିର୍ଦ୍ଦିଷ୍ଟଭାବେ ସାମୁଦ୍ରିକ ମତ୍ସ୍ୟସମ୍ପଦ ଉପକ୍ଷେତ୍ରର ସମ୍ଭାବନାକୁ ସ୍ୱୀକାର କରାଯାଇଥିଲା । ତାପରଠାରୁ ସରକାରୀ ଓ ବେସରକାରୀ ସ୍ତରରେ ଏହାକୁ ବିକାଶର ଏକ ମାଧ୍ୟମ ରୂପେ ଗଢ଼ିବାକୁ ଏ କ୍ଷେତ୍ରରେ ବହୁ ପ୍ରଚେଷ୍ଟା କରାଯାଇଛି । ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷା ଓ ପୋଷଣ ଆବଶ୍ୟକତା ପୂରଣ ବ୍ୟତୀତ ମତ୍ସ୍ୟସମ୍ପଦ କ୍ଷେତ୍ରର ବ୍ୟବସାୟ ବାଣିଜ୍ୟରେ ମୁଖ୍ୟ ଭୂମିକା ରହିଛି; ଏହି ପ୍ରକ୍ରିୟାରେ ଉପକୂଳବର୍ତ୍ତୀ ଜନସମୁଦାୟ ପାଇଁ ନିଯୁକ୍ତି ଓ ଜୀବିକା ନିର୍ବାହର ସୁଯୋଗ ମିଳିଛି ।

୩·୦ ଏକ ପାରମ୍ପରିକ ଜୀବିକା ରୂପେ ଆରମ୍ଭ ହୋଇ ମତ୍ସ୍ୟଧାରଣ ଏବେ ଏକ ଉଦ୍ୟୋଗରେ ପରିଣତ ହୋଇଛି । ୧୯୭୬ ମସିହାର ବିଶିଷ୍ଟ ଅର୍ଥନୈତିକ ଇଲାକାର ଘୋଷଣା ପରେ ହିସାବ ଅନୁସାରେ ୨·୨ ନିୟୁତ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳ ଭାରତର ଅଧୀନରେ ଅଛି । ବିଶିଷ୍ଟ ଅର୍ଥନୈତିକ ଅଞ୍ଚଳ ଉପରେ ସାର୍ବଭୌମ ଅଧିକାର ସହ ଏହି ଅଞ୍ଚଳରେ ଭାରତର ଜୈବିକ

DRAFT

ସାମୁଦ୍ରିକ ସମ୍ବଳର ସଂରକ୍ଷଣ, ବିକାଶ ଓ ସର୍ବୋତ୍ତମ ବିନିଯୋଗ ପାଇଁ ଦାୟିତ୍ୱ ରହିଛି । ସନ ୨୦୧୧ରେ ଭାରତ ସରକାରଙ୍କଦ୍ୱାରା ଗଠିତ ଏକ "କାର୍ଯ୍ୟକାରୀ ଗୋଷ୍ଠୀ" ବିଶିଷ୍ଟ ଅର୍ଥନୈତିକ ଇଲାକାରୁ ସମ୍ଭାବ୍ୟ ମତ୍ସ୍ୟ ଉତ୍ପାଦନ ୪·୪୧୨ ନିୟୁତ ମେଟ୍ରିକ ଟନ୍ ହିସାବ କରିଛନ୍ତି । ଏହି ଅଟକଳ ୨୦୦୦ ମସିହାରେ କରାଯାଇଥିବା ହିସାବଠାରୁ ୩·୩୯୪ ନିୟୁତ ଟନ (ଶତକଡ଼ା ୧୨·୨) ଅଧିକ । ପେଲାଜିକ କ୍ଷେତ୍ରରୁ ଅଏଲ୍ ସାର୍ଡିନ୍, ରିବନ୍ ମାଛ , ଭାରତୀୟ ମ୍ୟାକେରେଲ୍ ୨·୧୨୮ ନିୟୁତ ମେଟ୍ରିକ ଟନ୍ (ଶତକଡ଼ା ୪୮·୨), ସମୁଦ୍ର ଚଟାଣ ପାଖରେ ବାସ କରୁଥିବା ପେନାଏଡ୍ ଓ ଅଣ ପେନାଏଡ୍ ପ୍ରଜାତିର ଚିଙ୍ଗୁଡ଼ି, ସେଫାଲୋପଡ଼ ପର୍ଚ୍, କ୍ରୋକର୍ ଇତ୍ୟାଦି ୨·୦୬୭ ନିୟୁତ ମେଟ୍ରିକ ଟନ୍ (ଶତକଡ଼ା ୪୬·୮), ମହାସାଗରୀୟ ଜଳରୁ ଉତ୍ପାଦନ ୟେଲୋଫିନ୍, ସ୍କିପଜାକ୍, ଟୁନା, ବିଲ୍ ସାର୍କ ,ବାରାକୁଡା ଡଲଫିନ୍ ମାଛ, ୱାହୁ ୦·୨୧୭ ନିୟୁତ ମେଟ୍ରିକ ଟନ୍ (ଶତକଡ଼ା ୪·୯) ଅଟେ । ଗଭୀରତା ଅନୁସାରେ ସମ୍ଭାବ୍ୟ ମତ୍ସ୍ୟ ଉତ୍ପାଦନ ୧୦୦ ମିଟର ପର୍ଯ୍ୟନ୍ତ ୩·୮୨୧ ନିୟୁତ ମେଟ୍ରିକ ଟନ୍ (ଶତକଡ଼ା ୮୬·୬) , ୧୦୦–୨୦୦ ମିଟର ଭିତରେ ୦·୨୫୯ ନିୟୁତ ମେଟ୍ରିକ ଟନ୍ (ଶତକଡ଼ା ୫·୮), ୨୦୦–୫୦୦ ମିଟର ଭିତରେ ନିୟୁତ ମେଟ୍ରିକ ଟନ୍ ୧·୧୫ (ଶତକଡ଼ା ୨·୬ ), ଅବଶିଷ୍ଟ ୦·୨୧୭ ନିୟୁତ ମେଟ୍ରିକ ଟନ୍ (ଶତକଡ଼ା ୪·୯) ମହାସାଗରୀୟ ଜଳରୁ । ବିଗତ ଚାରିବର୍ଷରେ (୨୦୧୨–୧୩ରୁ ୨୦୧୫–୧୬) ହାରାହାରି ମାଛଧରା ପରିମାଣ ୩·୪୯୯ ନିୟୁତ ମେଟ୍ରିକ ଟନ୍, ଏଥିରୁ ୨୦୧୫-୧୬ରେ ୩·୫୮୩ ନିୟୁତ ମେଟ୍ରିକ ଟନ୍ । ଯଦିଓ ତଟ ନିକଟବର୍ତ୍ତୀ ସମୁଦ୍ରରୁ ଯଥେଷ୍ଟ ମାଛ ଧରାଯାଇଛି, ଗଭୀର ସମୁଦ୍ର ତଥା ମହାସାଗରୀୟ ଜଳରୁ ମାଛଧରା ବୃଦ୍ଧି ପାଇବାର ସୁଯୋଗ ରହିଛି ।

୪·୦ ୨୦୧୦ ମସିହାର ଜାତୀୟ ସାମୁଦ୍ରିକ ଗଣନା ଅନୁସାରେ ଭାରତରେ ମତ୍ସ୍ୟଜିବୀଙ୍କ ସଂଖ୍ୟା ୪·୦, ନିୟୁତ , ଏଥିରୁ ୦·୯୯ ନିୟୁତ ସକ୍ରିୟ ମତ୍ସ୍ୟଜିବୀ । ସକ୍ରିୟ ମତ୍ସ୍ୟଜିବୀ ମଧ୍ୟରୁ ଶତକଡା ୩୩ ଯନ୍ତ୍ରଚାଳିତ ମାଛଧରା କ୍ଷେତ୍ରରେ ନିଯୁକ୍ତ, ଶତକଡା ୬୨ ମୋଟରଚାଳିତ ନୌକା ମାଛଧରା କ୍ଷେତ୍ରରେ ଓ ପାରମ୍ପରିକ ରୀତିରେ ଶତକଡ଼ା ୫ । ସମଗ୍ର ମତ୍ସ୍ୟ ଉତ୍ପାଦନରୁ ଶତକଡା ୭୫ ଭାଗ ଯନ୍ତ୍ରଚାଳିତ ମାଛଧରା କ୍ଷେତ୍ରରେ, ଶତକଡା ୨୩ ମୋଟରଯୁକ୍ତ ନୌକାଦ୍ୱାରା ଏବଂ ଶତକଡା ୨ ପାରମ୍ପରିକ କ୍ଷେତ୍ରରେ । ଭାରତରେ ବିଗତ ପଚାଶ ବର୍ଷରେ ମାଛଧରାର ସ୍ୱରୂପ ସ୍ପଷ୍ଟ ଦର୍ଶାଏ ଯେ ଉତ୍ପାଦନ ଷାଠିଏ ଦଶକରେ (୧୯୬୦–୬୯) ଯଥେଷ୍ଟ ଥିଲା । ପରବର୍ତ୍ତୀ କାଳରେ ମାଛଧରା କ୍ଷେତ୍ରରେ ମୋଟରଚାଳିତ ମାଛଧରାର ଲୋକପ୍ରିୟତା ଓ ଯନ୍ତ୍ରଚାଳିତ ନୌକାର ପ୍ରସାର ଯୋଗୁଁ ପାରମ୍ପରିକ ମାଛଧରା ବହୁପରିମାଣରେ ହ୍ରାସ ପାଇଥିଲା । ବର୍ତ୍ତମାନ ଯନ୍ତ୍ରଚାଳିତ ଟ୍ରଲର୍ ସାହାଯ୍ୟରେ ମାଛଧରା ପଦ୍ଧତିରେ ଦେଶର ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଶତକଡ଼ା ୫୫ ।

୫·୦ ଉଚ୍ଚ ବିକ୍ରୀ ମୂଲ୍ୟ/ ରାଜସ୍ୱ ଦେଉଥିବା ଦୂର ସମୁଦ୍ରରେ ରହୁଥିବା ଟୁନା ପ୍ରଜାତିର ମାଛ ଏପର୍ଯ୍ୟନ୍ତ ବିଶେଷ ଉତ୍ପାଦନ ହୋଇନାହିଁ । ସମ୍ପୂର୍ଣ୍ଣ ସାମୁଦ୍ରିକ ସମ୍ବଳର ସତତ /ଯଥାର୍ଥ ବିନିଯୋଗ ଦେଶ ଓ ଜନତାର ଉପକାର ସୁନିଶ୍ଚିତ କରିବ । ଏହି କ୍ଷେତ୍ରଟି ଅତ୍ୟନ୍ତ ଗତିଶୀଳ ହୋଇଥିବାରୁ ସମ୍ବଳର ଉବଲବ୍ଧତା ସଙ୍ଗେ ବୈଷୟିକ ଜ୍ଞାନର ଫାଇଦା ଉଠାଇବାପାଇଁ ନୀତି ଓ ଯୋଜନାଗୁଡ଼ିକ ଏ ଦିଗରେ ସୁଗମ କରିବାର ଆବଶ୍ୟକତା ରହିଛି ।

ଏନ୍· ପି· ଏମ୍· ଏଫ୍·–୨୦୧୭ ଏ ଦିଗରେ ନିମ୍ନଲିଖିତ ସୁପାରିଶ କରିଛି ।

***ମତ୍ସ୍ୟସମ୍ପଦ ପରିଚାଳନା***

୬·୦ ୨୦୧୧ ମସିହାରେ ସରକାରଙ୍କଦ୍ୱାରା ବିଶିଷ୍ଟ ଅର୍ଥନୈତିକ ଅଞ୍ଚଳରେ ମତ୍ସ୍ୟ ଭଣ୍ଡାରର ଅନୁଧ୍ୟାନ ପାଇଁ ଗଠିତ "କାର୍ଯ୍ୟକାରୀ ଗୋଷ୍ଠୀ" ବିଭିନ୍ନ ପ୍ରକାର ମାଛଧରା ନୌକାଦ୍ୱାରା ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଉପକୂଳବର୍ତ୍ତୀ ସମୁଦ୍ରରେ ଅତିକ୍ଷମତା/ଅତ୍ୟଧିକ ମାଛଧରା ଦର୍ଶାଇଲେ ଓ ମାଛଧରା ନୌଭେଳାରେ ସର୍ବାଧିକ କେତେ ନୌକା ରହିବା ଉଚିତ, ସେ ସମ୍ପର୍କରେ ସରକାରଙ୍କ ବିଚାର ପାଇଁ ପ୍ରସ୍ତାବ ଦେଇଛନ୍ତି । ସରକାର କାର୍ଯ୍ୟକାରୀ ଗୋଷ୍ଠୀର ରିପୋର୍ଟରେ ଉଲ୍ଲିଖିତ ପ୍ରସ୍ତାବଗୁଡ଼ିକ

DRAFT

ବିଚାରକୁ ନେବେ ଓ ଅତିକ୍ଷମତା ହ୍ରାସ କରିବାପାଇଁ ବ୍ୟବସ୍ଥା କରିବେ । ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ସମ୍ପୃକ୍ତ ପଣଧାରୀମାନଙ୍କ ସହ ପରାମର୍ଶ କରି ପର୍ଯ୍ୟାୟକ୍ରମେ ଏହି ବ୍ୟବସ୍ଥା ଲାଗୁ କରିବେ ।

୭.୦ ଭାରତରେ ସମୁଦ୍ରରୁ ୨୦୦ ମିଟର ଗଭୀରତା ପର୍ଯ୍ୟନ୍ତ ହାରାହାରି ମତ୍ସ୍ୟ ଉତ୍ପାଦନ ହିସାବ କରାଯାଇଥିବା ସମ୍ଭାବ୍ୟ ପରିମାଣର ପାଖାପାଖି, ଏହା ମତ୍ସ୍ୟ ସମ୍ବଳର ସର୍ବୋତ୍ତମ ବିନିଯୋଗ ସୂଚାଏ । ଅନ୍ୟପକ୍ଷରେ ଦୂର ସମୁଦ୍ରର ସମ୍ଭାବନା ଯଥା ଉଚ୍ଚମୂଲ୍ୟର ଟୁନା, ଟୁନାସଦୃଶ ପ୍ରଜାତି, ମାଇକ୍ରୋଫିଡ୍, ସ୍କ୍ୱିଡ୍ ଏପର୍ଯ୍ୟନ୍ତ ଅପ୍ରଯୁକ୍ତ ରହିଛି । ସେ ଯାହା ହେଉନା କାହିଁକି, ସମ୍ଭାବ୍ୟ ଉତ୍ପାଦନ ଓ ବାସ୍ତବ ମାଛଧରା ପରିମାଣ ମଧ୍ୟରେ ଥିବା ବିରାଟ ବ୍ୟବଧାନକୁ ବିଚାରକୁ ନେଇ ଅବାଧ ମାଛଧରା ସଂକ୍ରାନ୍ତରେ ବିଶ୍ୱ ମାନଦଣ୍ଡ ସହ ତାଳ ରଖି ସତର୍କତାମୂଳକ ପଦକ୍ଷେପ ଆବଶ୍ୟକ । ଅନ୍ତର୍ଦେଶୀୟ ଜଳଭାଗ ସଂକ୍ରାନ୍ତରେ ସରକାର ଚିରନ୍ତନତା ଓ ସମତାକୁ ମୂଳ ନୀତି ହିସାବରେ ଗ୍ରହଣ କରି ମାଛ ଅମଳକୁ ସର୍ବୋଚ୍ଚ ସତତ ଉତ୍ପାଦନ (ଏମ୍‌. ଏସ୍‌. ୱାଇ)ର ଚଳିତ ସ୍ତରରେ ରଖିବା ଉପରେ ଗୁରୁତ୍ୱ ଦେବେ ।

୮.୦ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନର ସମ୍ଭାବନାକୁ ବାସ୍ତବ ରୂପ ଦେବାପାଇଁ ନୌଭେଳାରେ ସମୁଚିତ ନୌକାସଂଖ୍ୟା ଯୋଜନା, ଉତ୍ପାଦନ ପ୍ରକ୍ରିୟାରେ ଜୈବ ବିବିଧତା ସଂରକ୍ଷଣ, ଆଇକୋନିକ୍, ସଙ୍କଟଗ୍ରସ୍ତ ପ୍ରଜାତିର ସୁରକ୍ଷା, ପ୍ରଜାତି ଓ ଅଞ୍ଚଳ ଅନୁଯାୟୀ ଯୋଜନା, ପାରିବେଶିକ ଓ ପ୍ରାଣୀବିଜ୍ଞାନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଓ ସମ୍ବେଦନଶୀଳ ସାମୁଦ୍ରିକ ପର୍ଯ୍ୟାବରଣ ସଂରକ୍ଷଣ, ସମ୍ବଳର ସତତ ନିୟୋଜନ ପାଇଁ ସ୍ଥାନ ଓ ସମୟଭିତ୍ତିକ ପଦକ୍ଷେପ, ଆଲୋଚନା ଜରିଆରେ ମତ୍ସ୍ୟ ଆଶ୍ରୟସ୍ଥଳ ସୃଷ୍ଟି ଆଦି ବିଷୟ ପ୍ରତି ଧ୍ୟାନ ଦିଆଯିବ । ଏହା ସଙ୍ଗେସଙ୍ଗେ ସରକାର ସୁରକ୍ଷିତ ସାମୁଦ୍ରିକ ଅଞ୍ଚଳ(ଏମ୍‌. ପି. ଏ.)ର ନିୟମିତ ସମୀକ୍ଷା କରିବେ; ପାରମ୍ପରିକ ମତ୍ସ୍ୟଜିବୀମାନଙ୍କ ମାଛଧରା ଅଞ୍ଚଳ ଉପରେ ଅଧିକାର ସୁନିଶ୍ଚିତ କରିବାକୁ ବୈଧାନିକ ସୁବିଧା ଓ ସମର୍ଥନ ଦିଆଯିବ ଯେପରିକି ସଂରକ୍ଷଣ ବ୍ୟବସ୍ଥା ଯୋଗୁଁ ସେମାନଙ୍କର ଜୀବିକା ପ୍ରଭାବିତ ନ ହୁଏ ।

୯.୦ ମାଛଧରା ପରିଚାଳନାରେ ପାରମ୍ପରିକ ଜ୍ଞାନ, ବିଜ୍ଞାନ ଓ ବ୍ୟବସାୟ ନୀତି ସହ ସମନ୍ୱୟ ରଖି ଏକ ଏକୀକୃତ ଦୃଷ୍ଟିକୋଣ ଅବଲମ୍ବନ କରାଯିବ; ପ୍ରାଥମିକ ପଣଧାରୀ ଓ ଆନୁଷଙ୍ଗିକ କାର୍ଯ୍ୟରେ ସଂଶ୍ଳିଷ୍ଟ କର୍ମୀମାନଙ୍କ ମଧ୍ୟରେ ଫଳପ୍ରଦ ଆଲୋଚନା ଦ୍ୱାରା ପାରିବେଶିକ ଓ ଅର୍ଥନୈତିକ ଦୃଷ୍ଟିରୁ ମାଛଧରାର ଚିରନ୍ତନତାକୁ ସୁନିଶ୍ଚିତ କରାଯିବ । ମତ୍ସ୍ୟ ପ୍ରଶାସନକୁ ପାରମ୍ପରିକ ଓ ଯାନ୍ତ୍ରିକ କ୍ଷେତ୍ର ମଧ୍ୟରେ ଉପୁଜୁଥିବା ବିବାଦ ସମାଧାନ ପାଇଁ ଉନ୍ନତ କରାଯିବ; ସୁସଙ୍ଗତ ପରିଚାଳନା ଓ ଅଧିକ ସହଯୋଗକୁ ଉତ୍ସାହ ପ୍ରଦାନ କରି ମାଛଧରା କ୍ଷମତା ବୃଦ୍ଧି କରାଯିବ ।

୧୦.୦ ସାମୁଦ୍ରିକ କ୍ଷେତ୍ରରେ ମାଛଧରା ସମ୍ବନ୍ଧୀୟ ବିଭିନ୍ନ ସୂଚନାର ଉପଲବ୍ଧତା ଓ ତାର ଦ୍ରୁତ ଏବଂ ସହଜ ପ୍ରସାରଣ ପ୍ରତି ଦୃଷ୍ଟି ଦିଆଯିବ । ସମ୍ବଳର ପ୍ରାଚୁର୍ଯ୍ୟ ଓ ତାର ବିତରଣ, ବାସ୍ତବିକ ସମୟ (ରିଅଲ୍ ଟାଇମ୍) ସମ୍ବଳ ମାନଚିତ୍ର, ଉତ୍ପାଦନ ଅଟକଳ, ବାସ୍ତବିକ ସମୟ (ରିଅଲ୍ ଟାଇମ୍) ସମ୍ଭାବ୍ୟ ମାଛଧରା ଅଞ୍ଚଳର ଉପଦେଶ ବିଜ୍ଞପ୍ତି, ପାଣିପାଗ ଭବିଷ୍ୟବାଣୀ ଆଦି ଦ୍ୱାରା ମତ୍ସ୍ୟଜିବୀମାନେ ଉପକୃତ ହେବେ । ମତ୍ସ୍ୟଜିବୀ ସମ୍ପ୍ରଦାୟର ହିତ ପାଇଁ ମହାକାଶ ଓ ସୂଚନା ବିଜ୍ଞାନର ସର୍ବୋତ୍ତମ ପ୍ରୟୋଗ କରାଯିବ ।

୧୧.୦ ମାଛଧରା ଉପରେ ସ୍ଥାନଭିତ୍ତିକ ଓ ସମୟଭିତ୍ତିକ କଟକଣା ଦେଶରେ ମତ୍ସ୍ୟସମ୍ପଦକୁ ବଞ୍ଚାଇ ରଖିବାରେ.ସାହାଯ୍ୟ କରିଛି । ଏହି ପଦକ୍ଷେପ ସବୁ ଯେପରି ମତ୍ସ୍ୟଜିବୀମାନଙ୍କ ଜୀବିକାକୁ ଉନ୍ନତ କରିବେ, ତାହା ସୁନିଶ୍ଚିତ କରିବାକୁ ସର୍ବୋତ୍ତମ ବିଜ୍ଞାନସମ୍ମତ ସୂଚନାର ଉପଲବ୍ଧତାକୁ ବିଚାରକୁ ନେଇ ନିୟମିତ ସମୀକ୍ଷା କରାଯିବ । ସମ୍ପୃକ୍ତ ପଣଧାରୀ ଓ ମତ୍ସ୍ୟଜିବୀମାନଙ୍କ ମଧ୍ୟରେ ଯଥାର୍ଥ ଆଲୋଚନା କରି ସତର୍କତାମୂଳକ ପଦକ୍ଷେପ ନିଆଯିବ ।

୧୨.୦ ସାମୁଦ୍ରିକ ମତ୍ସ୍ୟ ସମ୍ବଳ ଅସରନ୍ତି ନୁହେଁ ଓ ଅନିୟନ୍ତ୍ରିତ ମାଛଧରା ସମ୍ବଳର କ୍ଷୟ ଘଟାଇବ; ବହୁକ୍ଷେତ୍ରରେ ଏଭଳି ଅଭିଜ୍ଞତା ହୋଇଛି । ସରକାର ସମ୍ପୃକ୍ତ ବୈଜ୍ଞାନିକ ଅନୁଷ୍ଠାନ ଓ ମତ୍ସ୍ୟଜିବୀମାନଙ୍କ ସହ ପରାମର୍ଶ କରି ମାଛଧରା ଉଦ୍ୟମର ଯଥାର୍ଥ ରୂପାୟନ ଓ ସମ୍ବଳର ଚିରନ୍ତନତା ରକ୍ଷା ଲାଗି ସଠିକ୍ ପଦକ୍ଷେପ ଗ୍ରହଣ କରିବେ । ଏହି ପଦକ୍ଷେପଗୁଡ଼ିକରେ ଇନ୍ ପୁଟ୍ ଓ ଆଉଟ୍ ପୁଟ୍ (Input & Output) ନିୟନ୍ତ୍ରଣ ଯଥା ନୌଭେଳାରେ ନୌକାସଂଖ୍ୟା, ମାଛଧରା ଦିନ, ମାଛଧରା ଅଞ୍ଚଳ, ଇଞ୍ଜିନ୍ କ୍ଷମତା, ଗିଅର୍ ସାଇଜ୍, ସର୍ବାଧିକ ସତତ ମତ୍ସ୍ୟ ଉତ୍ପାଦନ(ଏମ୍.ଏସ୍.ୱାଇ.), ନ୍ୟୁନତମ ଜାଲ ସାଇଜ୍, ନ୍ୟୁନତମ ବୈଧାନିକ ସାଇଜ୍ ଆଦି ଅନ୍ତର୍ଭୁକ୍ତ ହେବ । ଯେଉଁଠାରୁ ଅପେକ୍ଷାକୃତ କମ୍ ମାଛ ଧରାଯାଉଛି, ସେଠାରେ ମାଛଧରା ଉଦ୍ୟମ କରାଯିବ; ମତ୍ସ୍ୟ ସମ୍ବଳର କ୍ଷୟ ରୋକାଯିବା ସୁନିଶ୍ଚିତ କରିବାକୁ ମାଛଧରା ପରିଚାଳନା ଅଞ୍ଚଳ ଗଠନ ଓ ସମୁଚିତ ନୌଭେଳା (ଫ୍ଲିଟ୍) ଯୋଜନା କାର୍ଯ୍ୟକାରୀ କରାଯିବ । ମାଛଧରା କେନ୍ଦ୍ର ଓ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକ କ୍ଷୟିଷ୍ଣୁ କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ଅବସ୍ଥାରେ ଥିବା ମତ୍ସ୍ୟଭଣ୍ଡାରର ପୁନର୍ନିର୍ମାଣ ଓ ପୁନରୁତ୍ଥାନ ଯୋଜନାର ଚିଠା ପ୍ରସ୍ତୁତି ସୁନିଶ୍ଚିତ କରିବେ । ମାଛଧରା କେନ୍ଦ୍ର ପରିଚାଳନା ପାଇଁ ମାଛଧରା କ୍ଷମତା ମୂଲ୍ୟାଙ୍କନ ରୂପରେଖା ପ୍ରସ୍ତୁତ କରାଯିବ ।

୧୩.୦ ସମ୍ପ୍ରତି ଉପକୂଳବର୍ତ୍ତୀ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କରେ (ଉପକୂଳଠାରୁ ଦୂରତା ଓ ଗଭୀରତା ଅନୁସାରେ) କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ ପାରମ୍ପରିକ ମତ୍ସ୍ୟଜିବୀଙ୍କପାଇଁ ସଂରକ୍ଷିତ; ସେଠାରେ ଯନ୍ତ୍ରଚାଳିତ ମାଛଧରା ପାଇଁ ଅନୁମତି ନାହିଁ । ଏଭଳି ସୀମାଧିକାର ପାରମ୍ପରିକ ମତ୍ସ୍ୟଜିବୀଙ୍କ ଜୀବିକା ସୁରକ୍ଷାପାଇଁ ଉପକାରୀ ସାବ୍ୟସ୍ତ ହୋଇଛି । ସରକାର ଏଭଳି ସୁବିଧା ଜାରି ରଖିବେ ଓ ଅନ୍ୟଗୋଷ୍ଠୀ ସହ ପରାମର୍ଶ କରି ପାରମ୍ପରିକ ମତ୍ସ୍ୟଜିବୀମାନଙ୍କ ମାଛଧରା କ୍ଷେତ୍ର ବଢ଼ାଇବା କଥା ବିଚାର କରିବେ । ଗ୍ୟାଜେଟ୍ ଅଫ୍ ଇଣ୍ଡିଆ (ପ୍ରଥମ ଭାଗ–୧, ଅନୁଭାଗ–୧)

୧୪.୦ ମାଛଧରା ପରିଚାଳନାପାଇଁ ସାମୁଦ୍ରିକ ପରିବେଶର ଜଡ଼ ଓ ଜୈବିକ ଅଂଗର ସମସ୍ତ ପ୍ରସଙ୍ଗକୁ ଯଥାର୍ଥ ବିଚାର କରି ପଣଧାରୀମାନଙ୍କ ଲାଭ ଉଦ୍ଦେଶ୍ୟରେ ପର୍ଯ୍ୟାବରଣଭିତ୍ତିକ ଆଭିମୁଖ୍ୟ (ଇ.ଏ.ଏଫ୍.ଏମ୍.) କାର୍ଯ୍ୟକାରୀ କରାଯିବ । ଏହି ମର୍ମରେ ବହୁନୌକା, ବହୁହିତଧାରକ, ବହୁପ୍ରଜାତି ଓ ବହୁନୌଭେଳା ବିଶିଷ୍ଟ ମତ୍ସ୍ୟସମ୍ପଦର ସଫଳ ପରିଚାଳନା ବ୍ୟବସ୍ଥା ରୂପେ ବିଶ୍ୱରେ ସ୍ୱୀକୃତ ଭାଗିଦାରୀ ପରିଚାଳନା , ସହପରିଚାଳନାକୁ ଉତ୍ସାହିତ କରାଯିବ । ଏଭଳି ସହପରିଚାଳନା ବ୍ୟବସ୍ଥାରେ ସ୍ଥାନୀୟ, ଆଞ୍ଚଳିକ, ଆନ୍ତଃରାଜ୍ୟ ଓ ଜାତୀୟ ମତ୍ସ୍ୟ ପରିଷଦ ଅନ୍ତର୍ଭୁକ୍ତ ହେବ; ଏଭଳି ବ୍ୟବସ୍ଥା ବିଭିନ୍ନ ମତ୍ସ୍ୟଜିବୀ ଗୋଷ୍ଠୀ ମଧ୍ୟରେ ବିବାଦ ସମାଧାନରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏଭଳି ପରିଚାଳନା ବ୍ୟବସ୍ଥାର ପ୍ରଚଳନ ପାଇଁ ନୀତି ମତ୍ସ୍ୟ ଗବେଷଣା ଅନୁଷ୍ଠାନ, ଉପକୂଳବର୍ତ୍ତୀ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ ସରକାର, ମତ୍ସ୍ୟଜିବୀ ସମିତି ଓ ଏ କ୍ଷେତ୍ରରେ ଅନ୍ୟ ସମ୍ପୃକ୍ତ ପଣଧାରୀମାନଙ୍କ ସହ ପରାମର୍ଶ କରି ନିର୍ଦ୍ଧାରଣ କରାଯିବ ।

୧୫.୦ ଭାରତୀୟ ବିଶିଷ୍ଟ ଅର୍ଥନୈତିକ ଇଲାକାର ୧୨–୨୦୦ ନଟିକାଲ ମାଇଲ୍ ମଧ୍ୟରେ ମାଛଧରା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ପଶୁପାଳନ, ଦୁଗ୍ଧ, ମତ୍ସ୍ୟ ବିଭାଗଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁସାରେ ନିର୍ଦ୍ଦେଶିତ । ଏହି ମାର୍ଗଦର୍ଶିକାକୁ ଭିତ୍ତି କରି ନିର୍ଦ୍ଦିଷ୍ଟ ଅଞ୍ଚଳରେ ମାଛ ଧରିବାପାଇଁ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କୁ ଅନୁମତି ପତ୍ର (ଏଲ୍. ଓ. ପି.) ଦିଆଯାଇଥିଲା । ଏଲ୍. ଓ. ପି. ବ୍ୟବସ୍ଥା ଗଭୀର ଜଳରେ ମାଛଧରାର ସମାବେଶୀ ବିକାଶ ଉପରେ ଆଶାନୁରୂପ ପ୍ରଭାବ ପଡ଼ି ନ ଥିବାରୁ ସରକାର ଏହି କ୍ଷେତ୍ରର ବିକାଶ ପାଇଁ ବିକଳ୍ପ ବ୍ୟବସ୍ଥା ବିଚାର କରିବେ ଓ ଏଲ୍. ଓ. ପି.ର ଚଳିତ ପରମିଟ୍ ବ୍ୟବସ୍ଥାକୁ ବାତିଲ କରିବେ । ସାମୁଦ୍ରିକ ମାଛଧରାର କ୍ଷୁଦ୍ର ଶିଳ୍ପ ଚରିତ୍ରକୁ ସୁନିଶ୍ଚିତ କରି ସମ୍ଭାବନାର ବାସ୍ତବ ରୂପାୟନ ପାଇଁ ବେସରକାରୀ ପୁଞ୍ଜିନିବେଶକୁ ଗଭୀର ସମୁଦ୍ରରେ ମାଛଧରା ଲାଗି ପ୍ରୋତ୍ସାହନ ଦିଆଯିବ । ଗଭୀର ସମୁଦ୍ରରେ ଥିବା ମତ୍ସ୍ୟ ସମ୍ବଳର ସତତ

DRAFT

ନିୟୋଜନ ପାଇଁ ମାଛଧରା ନୌଭେଳାରେ ଉପଯୁକ୍ତ ସଂଖ୍ୟାର ଦୂରଗାମୀ ଆଧୁନିକ ନୌକା ଆବଶ୍ୟକ; ଦରକାର ସ୍ଥଳେ ଏ କ୍ଷେତ୍ରର ବିକାଶ ପାଇଁ ବିଦେଶୀ ବୈଷୟିକ ଜ୍ଞାନକୌଶଳର ବିଚାର କରାଯିବ । ସମସ୍ତ ପଣଧାରୀମାନଙ୍କୁ ଏକତ୍ର କରି ଗଭୀର ଜଳ ମାଛଧରା ପାଇଁ ଭାରତୀୟ ନୌଭେଳାର କ୍ଷମତା ବୃଦ୍ଧି ଲାଗି "ଗୋଟିଏ ଝରକା ବ୍ୟବସ୍ଥା(Single Window)" ପ୍ରଚଳନ କରାଯିବ । ଉଦ୍ୟୋଗର ବିକାଶ, ବେସରକାରୀ ପୁଞ୍ଜିନିବେଶ, ସରକାରୀ-ବେସରକାରୀ ଭାଗିଦାରୀ(ପି.ପି.ପି.), ଆନୁଷ୍ଠାନିକ ମୂଳଧନର ସୁଲଭତା ସାହାଯ୍ୟରେ ସମୁଦ୍ରରେ ମାଛଧରା କ୍ଷେତ୍ରକୁ ଉତ୍ସାହିତ କରାଯିବ; ଏହାଛଡ଼ା ଏକୀକୃତ ବିକାଶ ପାଇଁ ଗଭୀର ସମୁଦ୍ରରେ ମାଛଧରା ଶିଳ୍ପ ସହ ସମୁଦ୍ର ଖାଦ୍ୟ ପ୍ରସ୍ତୁତି ଓ ରପ୍ତାନୀ କ୍ଷେତ୍ରକୁ ମିଳାଇବା ପାଇଁ ରୂପରେଖା ପ୍ରସ୍ତୁତ କରାଯିବ ।

୧୬.୦ ସରକାର ଗଭୀର ଜଳ ମାଛଧରାକୁ ଲୋକପ୍ରିୟ କରିବାପାଇଁ ପାରମ୍ପରିକ ମାଛଧରାଳିଙ୍କ କର୍ମକୁଶଳତା ଓ କ୍ଷମତା ବୃଦ୍ଧି ପାଇଁ ନୂତନ ଯୋଜନା ପ୍ରଚଳନ କରିବେ । ଏସବୁ ଯୋଜନାରେ ମତ୍ସ୍ୟ ସମବାୟ ସମିତି ଜରିଆରେ ନୂତନ ଦେଶୀ ନୌକା ପ୍ରଚଳନ, ଗଭୀର ସମୁଦ୍ରରେ ସ୍ୱଦେଶୀ ମାଛଧରା ନୌଭେଳାର ଆଧୁନିକିକରଣ, ନୌକାରେ(ଅନ୍ ବୋର୍ଡ୍) ତାଲିମ , ରପ୍ତାନୀ ଓ ବଜାର ସହ ଯୋଗସୂତ୍ର ସ୍ଥାପନ ବିଚାର କରାଯିବ । ଏସବୁ ବ୍ୟବସ୍ଥା ପ୍ରଚଳନ ସମୟରେ ମାଛଧରା ସମ୍ବନ୍ଧୀୟ ଆନ୍ତର୍ଜାତିକ ଆଇନକାନୁନ ନିୟମକୁ ପାଳନ କରାଯାଉଛି କି ନାହିଁ, ତାକୁ ସୁନିଶ୍ଚିତ କରିବାକୁ ପଦକ୍ଷେପ ନିଆଯିବ । ବିଶିଷ୍ଟ ଅର୍ଥନୈତିକ ଅଞ୍ଚଳରେ ଥିବା ଗଭୀର ଜଳ ସମ୍ବଳର ନିୟୋଜନ ଉପରେ ପୁନର୍ବିଚାର କରାଯିବ; ଏଥିରେ କେବଳ ସମ୍ବଳର ଉପଲବ୍ଧତାକୁ ଗୁରୁତ୍ୱ ନ ଦେଇ ନୌକାନିର୍ମାଣ କାରିଗରୀ ଜ୍ଞାନ, ସର୍ଭେ ଓ ସାର୍ଟିଫିକେଟ୍ ଦ୍ୱାରା ସ୍ୱୀକୃତି, କ୍ଷମତା ବୃଦ୍ଧି, ବ୍ୟାପକ ଓ ପ୍ରୟୋଗଯୋଗ୍ୟ ନୀତିନିୟମ, ନଜର, ନିୟନ୍ତ୍ରଣ, ପହରା (ଏମ୍. ସି. ଏସ୍), ମାଛଧରା ବ୍ୟବସାୟ ସମ୍ବନ୍ଧୀୟ ବୈଜ୍ଞାନିକ ଓ ବୈଷୟିକ ସୂଚନାର ଉପଲବ୍ଧତା ଓ ସର୍ବୋତ୍ତମ ମାଛଧରା ପଦ୍ଧତି ବିଚାର କରାଯିବ ।

୧୭.୦ ସରକାର ଉପକୂଳବର୍ତ୍ତୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କର ଆବଶ୍ୟକତା ବିଚାରକୁ ନେଇ କେନ୍ଦ୍ରଶାସିତ ଅଞ୍ଚଳ ଏକ ଏକୀକୃତ ସମ୍ବଳ ନିୟୋଜନ ବ୍ୟବସ୍ଥାକୁ ରୂପ ଦେବେ । ଉପକୂଳବର୍ତ୍ତୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ୧୨ରୁ ୨୦୦ ନଟିକାଲ୍ ମାଇଲ୍ ମଧ୍ୟରେ ଥିବା ଅଞ୍ଚଳକୁ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବୋଲି ମାନ୍ୟତା ଦେବାକୁ ନିର୍ଦ୍ଦେଶ ଦିଆଯିବ । ପ୍ରତି ରାଜ୍ୟର ପୃଥକ୍ ପୃଥକ୍ ମାଛଧରା ନୀତି ଆନ୍ତଃରାଜ୍ୟ ବିବାଦ ଓ ସମ୍ବଳର ଅତିଦୋହନକୁ ପ୍ରଶ୍ରୟ ଦେବ । ଏହାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ ସହ ମିଳିତ ଭାବରେ ବିଶିଷ୍ଟ ଅର୍ଥନୈତିକ ଅଞ୍ଚଳରେ ଜୈବିକ ସମ୍ବଳର ସତତ ନିୟୋଜନ ଓ  ପରିଚାଳନା ପାଇଁ ରାଜି ହେବେ । ଆନ୍ତଃରାଜ୍ୟ ଓ ଆନ୍ତର୍ଜାତିକ ବିବାଦ କମ୍ କରିବାପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ପ୍ରତିଷ୍ଠିତ କରି ତାକୁ ସୁଦୃଢ଼ କରାଯିବ । ସରକାର ଉପକୂଳ ଓ ଦ୍ୱୀପର ମିଳିତ ବିକାଶ ଯୋଜନା ପ୍ରସ୍ତୁତ କାର୍ଯ୍ୟକାରୀ କରିବେ ଉପକୂଳବର୍ତ୍ତୀ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ ଓ ଦ୍ୱୀପପୁଞ୍ଜର ଅର୍ଥନୀତିକୁ ବଳଶାଳୀ କରିବାରେ ସହାୟକ ହେବ । ଏଭଳି ଯୋଜନାରେ ମତ୍ସ୍ୟଧାରଣର ସତତ ନିୟୋଜନ, ଉପକୂଳ ଦ୍ୱୀପ ପର୍ଯ୍ୟଟନ, ଇନ୍ଧନଯୋଗାଣକାରୀ ଭାସମାନ ଭେଳା, ମୁଖ୍ୟ ବାହକ ନୌକା, ଆମ୍ବୁଲାନ୍ସର ଉପଲବ୍ଧତା ଆଦି ପାଇଁ ଢାଞ୍ଚା ପ୍ରସ୍ତୁତି ଅନ୍ତର୍ଭୁକ୍ତ ହେବ ।

୧୮.୦ ଜାତୀୟ ପରିସର ବହିର୍ଭୂତ ଅଞ୍ଚଳ (ଏ. ବି. ଏନ୍. ଜେ) ରେ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ବଳର ନିୟୋଜନର ଯଥେଷ୍ଟ ସୁଯୋଗ ରହିଛି; ଯେପରିକି ଅଧିକାଂଶ ଅନ୍ୟଦେଶରେ କ୍ରିଲ୍  ମାଛ ଧରାଯାଏ । ସରକାର ଏ. ବି. ଏନ୍. ଜେ.ରେ ଥିବା ମତ୍ସ୍ୟ ସମ୍ବଳର ନିୟୋଜନକୁ ଗଭୀର ସମୁଦ୍ରରେ ମାଛଧରା ସଂକ୍ରାନ୍ତୀୟ ଆନ୍ତର୍ଜାତିକ ରାଜିନାମା/ବ୍ୟବସ୍ଥା ପାଳନ ସର୍ତ୍ତରେ ପ୍ରୋତ୍ସାହନ ଦେବେ; ଉପକୂଳ ସୁରକ୍ଷା, ସମୁଦ୍ରରେ ମତ୍ସ୍ୟଜିବୀମାନଙ୍କ ନିରାପତ୍ତା ପାଇଁ ନଜର ଏବଂ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଆବଶ୍ୟକ ।

***ନଜର, ନିୟନ୍ତ୍ରଣ ଓ ପହରା***

DRAFT

୧୯.୦ ସାମୁଦ୍ରିକ ମାଛଧରା କ୍ଷେତ୍ର ଲାଗି ଏକ ସୁସ୍ଥ ଓ ଫଳପ୍ରଦ ଏମ୍· ସି· ଏସ୍ ର ଚଳିତ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ । ବର୍ତ୍ତମାନ ସମୁଦ୍ରରେ ବ୍ୟବହୃତ ହେଉଥିବା ମାଛଧରା ନୌକା (ପାରମ୍ପରିକ, ମୋଟରଯୁକ୍ତ, ଯନ୍ତ୍ରଚାଳିତ,ଯନ୍ତ୍ରବିହୀନ) ରେଜିଷ୍ଟ୍ରେସନ ପାଇଁ ସରକାରଙ୍କର ଅନଲାଇନ୍ ପଞ୍ଜୀକରଣ ଓ ଲାଇସେନ୍ସ ବ୍ୟବସ୍ଥା ରହିଛି । ସାମୁଦ୍ରିକ ମାଛଧରା କ୍ଷେତ୍ର ଲାଗି ଏକ ସୁସ୍ଥ ଓ ଫଳପ୍ରଦ ଏମ୍· ସି· ଏସ୍ ର ଚଳିତ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ । ବର୍ତ୍ତମାନ ସମୁଦ୍ରରେ ବ୍ୟବହୃତ ହେଉଥିବା ମାଛଧରା ନୌକା (ପାରମ୍ପରିକ, ମୋଟରଯୁକ୍ତ, ଯନ୍ତ୍ରଚାଳିତ, ଯନ୍ତ୍ରବିହୀନ) ରେଜିଷ୍ଟ୍ରେସନ୍ ପାଇଁ ସରକାରଙ୍କର ଅନ୍ ଲାଇନ୍ ପଞ୍ଜୀକରଣ ଓ ଲାଇସେନ୍ସ ବ୍ୟବସ୍ଥା ରହିଛି । ଯଦିଓ ରେଜିଷ୍ଟ୍ରେସନ୍ ଓ ଲାଇସେନ୍ସ ଜରିଆରେ ମାଛଧରା ନିୟନ୍ତ୍ରଣ ଅଛି, ଉପକୂଳ ପୋଲିସ୍, ଭାରତୀୟ ଉପକୂଳ ଗାର୍ଡ୍ , ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର ମତ୍ସ୍ୟବିଭାଗ ମଧ୍ୟରେ ଅଧିକ ବୁଝାମଣା ଭିତ୍ତିରେ ଏମ୍·ସି·ଏସ୍·ର କାର୍ଯ୍ୟକୁ ସୁଦୃଢ଼ କରାଯିବ । ଏମ୍·ସି·ଏସ୍·ର  କାର୍ଯ୍ୟକୁ ଚିପ୍ ସ୍ ଆଧାରିତ ସ୍ମାର୍ଟ୍ ରେଜିଷ୍ଟ୍ରେସନ୍ କାର୍ଡ, ଯାତ୍ରା ଟୋକନ୍ ଆଦିର ପ୍ରଚଳନ ଦ୍ୱାରା ପର୍ଯ୍ୟାୟ କ୍ରମେ ସୁଦୃଢ଼ ଓ ଉନ୍ନତ କରାଯିବ । ଏହି କାର୍ଡରେ ରେଜିଷ୍ଟ୍ରେସନ୍, ଲାଇସେନ୍ସ ସମ୍ବନ୍ଧୀୟ ଡାଟା, ମୂଳ ପୋତାଶ୍ରୟର ବିବରଣୀ ଉଲ୍ଲେଖ କରାଯିବ । ଏହା ବ୍ୟତୀତ ବାଧ୍ୟତାମୂଳକ ଲଗ୍ ବୁକ୍ ପ୍ରଚଳନ, ଯାତ୍ରା ଟୋକନ୍, ମାଛଧରା ନୌକାର କଲର୍ କୋଡିଂ, ବାଇଓମୋଟ୍ରି ଆଧାରିତ ପରିଚୟ ପତ୍ର, ମହାକାଶ ଓ ସୂଚନା ବିଜ୍ଞାନ (ଉଦାହରଣସ୍ୱରୂପ ମାଛଧରା ନୌକା ଚିହ୍ନଟ/ସ୍ୱୟଂ ପରିଚୟ ବ୍ୟବସ୍ଥା )ଦ୍ୱାରା ଏମ୍·ସି·ଏସ୍·ର କାମକୁ ସୁଦୃଢ଼ କରାଯିବ । ଏମ୍· ସି· ଏସ୍· ବ୍ୟବସ୍ଥାକୁ ଅଧିକ ଫଳପ୍ରଦ କରିବାକୁ  କେନ୍ଦ୍ର ସରକାର ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ ସରକାରମାନଙ୍କ ସହ ମିଳିତଭାବେ କାମ କରିବେ । ଏମ୍· ସି· ଏସ୍· ବ୍ୟବସ୍ଥାକୁ ଦୃଢ଼ କରିବାପାଇଁ ଭାରତୀୟ ତଟରକ୍ଷକ ବଳ (କୋଷ୍ଟ ଗାର୍ଡ) ଓ ଉପକୂଳ ପୋଲିସକୁ ଉପଯୁକ୍ତ ତାଲିମ ଓ ପ୍ରତିରକ୍ଷା ଉପକରଣ ଦିଆଯିବ । ଏମ୍· ସି· ଏସ୍· ର କାର୍ଯ୍ୟନିର୍ବାହରେ  ସମ୍ପ୍ରଦାୟର ଭୂମିକାକୁ ସୁଦୃଢ଼ କରିବାକୁ ଉଦ୍ୟମ କରାଯିବ ।

୨୦.୦ ସାମୁଦ୍ରିକ କ୍ଷେତ୍ରରେ ନିର୍ମାଣଶୈଳୀ, ଉପାଦାନ, ଇଞ୍ଜିନ୍, ଗିଅର୍, ଆକାର, ଗଠନ, ମାଛଧରା ଅଞ୍ଚଳରେ ଭିନ୍ନତା ଥିବା ବହୁ ପ୍ରକାର ମାଛଧରା ନୌକା ବ୍ୟବହୃତ ହେଉଛି । ପଞ୍ଜୀକରଣ, ସର୍ଭେ, ସାର୍ଟିଫିକେଟ୍, ମାଛଧରା ବେଳେ ସାଙ୍ଗରେ ବାଧ୍ୟତାମୂଳକ ପରିଚୟ ପତ୍ର ରଖିବା, ନୌଚାଳନା ଉପରେ ନଜର ରଖୁଥିବା ଯନ୍ତ୍ର, ଉପରୋକ୍ତ ନିୟମ ଭଙ୍ଗପାଇଁ ଜୋରିମାନା, ସମୁଦ୍ରରେ ନୌକାର ନିରାପତ୍ତା ଓ ନୌଚାଳନା ଦଳ ସମ୍ବନ୍ଧୀୟ ନିୟମକୁ ଆନ୍ତର୍ଜାତିକ ସ୍ତରକୁ ଉନ୍ନୀତ କରିବାପାଇଁ ଆବଶ୍ୟକ ସଂଶୋଧନ କରାଯିବ । ସମ୍ପୃକ୍ତ ସଂସ୍ଥା ଯଥା ଖାଦ୍ୟ ଓ କୃଷି ସଂସ୍ଥାନ, ଆନ୍ତର୍ଜାତିକ ସାମୁଦ୍ରିକ ସଂସ୍ଥା, ଆନ୍ତର୍ଜାତିକ ଶ୍ରମ ସଂସ୍ଥା ଦ୍ୱାରା ସୁପାରିଶ କରାଯାଇଥିବା ନିୟମ ଓ ମାନକ  ପାଳନ କରାଯିବ ।

୨୧.୦ ପୁନଶ୍ଚ ଦେଶରେ ନୌକା ନିର୍ମାଣ ପ୍ରତିଷ୍ଠାନର ପ୍ରତିଷ୍ଠା ଓ ମାଛଧରା ନୌକା ନିର୍ମାଣ ଅନିୟନ୍ତ୍ରିତ;ଏହା ଫଳରେ ନୌକାର ସନ୍ତୁଳନ, ମାଛ ରଖିବା ଜାଗା, ନୌଚାଳକ ଦଳ ପାଇଁ ସ୍ଥାନ, ରୋଷେଇଘର,ପାଇଖାନାର ବନ୍ଦୋବସ୍ତ ଆଦି ଆବଶ୍ୟକତାକୁ ସହ ସାଲିସ କରି/ କୋହଳ କରି ନିମ୍ନମାନର ନୌକା ତିଆରି ହେଉଛି । ଏଫ୍· ଆର୍· ପି·ର ବହୁଳ ବ୍ୟବହାର ସଙ୍ଗେସଙ୍ଗେ ଏଭଳି ପ୍ରତିଷ୍ଠାନରେ ନିମ୍ନମାନର ନୌକା ତିଆରି ସମ୍ଭାବନା  ବଢ଼ିଛି । ସରକାର ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରଣ ଆଇନର (ଏମ୍· ଏଫ୍· ଆର୍· ଏ·) ପରିସରକୁ ବ୍ୟାପକ କରିବାକୁ ବିଚାର କରିବେ । ଏଥିରେ ନୌକାନିର୍ମାଣ ୟାର୍ଡ/ପ୍ରତିଷ୍ଠାନର ରେଜିଷ୍ଟ୍ରେସନ୍, ମାଛଧରା ନୌକାର ସମୁଦ୍ରଯାତ୍ରା ଉପଯୋଗିତାର ବାର୍ଷିକ ସର୍ଭେ, ଆଇ·ଆର୍· ଏସ୍· କିମ୍ବା ସେପରି ବୈଷୟିକ ଅନୁଷ୍ଠାନ ଜରିଆରେ ଯୋଗାଯୋଗ ଓ ନିରାପତ୍ତା ଉପକରଣର ନିୟମିତ ତଦାରଖ, ମାଛଧରା ନୌକାର ଡିଜାଇନ୍ ବିବରଣୀ/ତଥ୍ୟ, ନିର୍ମାଣ ସାମଗ୍ରୀ ଓ କୌଶଳ ଉପରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କ୍ରମାଗତ ଦୃଷ୍ଟି  ଓ ନିୟନ୍ତ୍ରଣ ଆଦି ବିଷୟର ଉଲ୍ଲେଖ ରହିବ ।

DRAFT

୨୨.୦ ଭାରତ ଅବୈଧ, ଅଘୋଷିତ ଓ ଅନିୟନ୍ତ୍ରିତ (ଆଇ·ୟୁ·ୟୁ·) ମାଛଧରା ରୋକିବାପାଇଁ ଆନ୍ତର୍ଜାତିକ ଚୁକ୍ତିବଦ୍ଧ ହୋଇଥିବାରୁ ସରକାର ଅନ୍ତଃରାଷ୍ଟ୍ରୀୟ ସମୁଦ୍ରରେ କିମ୍ବା ନିଜ ଦେଶର ଓ ଅନ୍ୟ ଦେଶର ବିଶିଷ୍ଟ ଅର୍ଥନୈତିକ ଇଲାକାରେ ଭାରତୀୟ ନୌଭେଳା ଦ୍ୱାରା ଯେପରି ଏହି ପ୍ରକାର ମାଛଧରା ନ ହୁଏ, ଉଭୟ ପୋତାଶ୍ରୟ ଓ ସମୁଦ୍ରରେ ସୁଷ୍ଠ ବ୍ୟବସ୍ଥା କରି ତାହା ସୁନିଶ୍ଚିତ କରିବେ ।

୨୩.୦ ନିକଟ ଅତୀତରେ ଭାରତୀୟ ମତ୍ସ୍ୟଜିବୀମାନଙ୍କ ଦ୍ୱାରା ଆନ୍ତର୍ଜାତିକ ସାମୁଦ୍ରିକ ସୀମା (ଆଇ·ଏମ୍· ବି· ଏଲ୍·) ଲଙ୍ଘନ ଘଟଣାମାନ ବୃଦ୍ଧି ପାଇଛି । ଏହା ବଢ଼ିବାର ବହୁ କାରଣ ରହିଛି, ଏଥି ମଧ୍ୟରେ  ହେଗ୍ ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟର  ଶୁଣାଣି ଉପରେ ଆଧାରିତ ଆଇ·ଏମ୍· ବି· ଏଲ୍·ର ପୁନଃ ସଂଜ୍ଞା ନିରୂପଣ ଅନ୍ୟତମ । ଏଭଳି ଘଟଣାକୁ କମ୍ କରିବା ପାଇଁ ସରକାର ମତ୍ସ୍ୟଜିବୀମାନଙ୍କୁ ତାଲିମ ଓ ଆବଶ୍ୟକ ସଚେତନତା ଯୋଗାଇବା ବିଚାର କରିବେ ଯାହା ଫଳରେ (ଆଇ·ଏମ୍· ବି· ଏଲ୍·) ଉଲ୍ଲଘଂନ ରୋକାଯାଇପାରିବ ।

୨୪.୦ ଆନ୍ତର୍ଜାତିକ ଶ୍ରମ ସଂଗଠନର ୧୮୮ତମ ସମ୍ମିଳନୀ ମାଛଧରା ନୌକାରେ ଉନ୍ନତ କର୍ମ ପରିବେଶ  ପାଇଁ ଆବଶ୍ୟକ ବ୍ୟବସ୍ଥା ପ୍ରସଙ୍ଗରେ ଐତିହାସିକ । ସରକାର ଉପରୋକ୍ତ ସମ୍ମିଳନୀର ଧାରାଗୁଡ଼ିକୁ ଘରୋଇ ଆଇନରେ ଅନ୍ତର୍ଭୁକ୍ତ କରି ମାଛଧରା ନୌକାରେ କାମ କରୁଥିବା ଶ୍ରମିକମାନଙ୍କ ଆବଶ୍ୟକ ସୁରକ୍ଷା ପାଇଁ ବିଚାର କରିବେ । ଏ ଦିଗରେ ମାଛଧରା ନୌକାରେ କାମ କରିବାପାଇଁ ଗୋଟିଏ ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳରୁ ଅନ୍ୟ ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳକୁ ଚାଲିଯାଉଥିବା ଶ୍ରମିକମାନଙ୍କ ପ୍ରତି ମଧ୍ୟ ଉପରୋକ୍ତ ବ୍ୟବସ୍ଥା ଲାଗୁ ହେବା ନିହାତି ଜରୁରୀ । କେନ୍ଦ୍ରସରକାର ରାଜ୍ୟ ସରକାରଙ୍କ ସହ ମିଶି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ୧୮୮ତମ ସମ୍ମିଳନୀରେ ଗୃହୀତ ପ୍ରସ୍ତାବର ଶୀଘ୍ର ମଞ୍ଜୁରୀ ଓ କାର୍ଯ୍ୟକାରିତା ପାଇଁ କାମ କରିବେ, ଏଥିରେ ମାଛଧରା ନୌକାରେ କାମ କରୁଥିବା ଯାଯାବର ମଜଦୂରମାନଙ୍କ କାମ କରିବା ଅବସ୍ଥାରେ ଉନ୍ନତି, ନୌକା ପଞ୍ଜୀକରଣ ଲାଗି ଭାରତର ମାଛଧରା ସମ୍ବନ୍ଧୀୟ ଘରୋଇ ଆଇନକୁ ଆନ୍ତର୍ଜାତିକ ମାନକୁ ଉନ୍ନୀତ କରିବାପାଇଁ ସମୟସୀମା ନିର୍ଦ୍ଧାରଣ,  ମାଛଗୋଦାମ ଓ ପୋତାଶ୍ରୟରେ ସ୍ୱଚ୍ଛତା ନୀତି ଇତ୍ୟାଦି ବିଷୟ ଅନ୍ତର୍ଭୁକ୍ତ ହେବ ।

୨୫.୦ ଆନ୍ତର୍ଜାତିକ ଶ୍ରମ ସଂସ୍ଥାଦ୍ୱାରା ଏହା ହିସାବ କରାଯାଇଛି ଯେ ସମୁଦ୍ରରେ ମାଛଧରା ବେଳେ ପ୍ରତିବର୍ଷ ୨୪୦୦୦ ମାଛଧରାଳିଙ୍କ ମୃତ୍ୟୁ ଘଟେ । ଦୁର୍ଘଟଣାର ଉତ୍ତମ ପରିସଂଖ୍ୟାନ ରଖୁଥିବା ଦେଶମାନଙ୍କର ରେକର୍ଡରୁ ଏହା ଉଦ୍ଧୃତ । ଏଥିରେ ଅନ୍ୟଦେଶର ମୃତ୍ୟୁସଂଖ୍ୟା ବିଚାରକୁ ନେଲେ ଏହା ଆହୁରି ଅଧିକ ହେବ । ଭାରତୀୟ ସାମୁଦ୍ରିକ ମାଛଧରାର କ୍ଷୁଦ୍ରଶିଳ୍ପ ଚରିତ୍ର ଦୃଷ୍ଟିରୁ ସରକାରଙ୍କଦ୍ୱାରା ସମୁଦ୍ରରେ ନିରାପତ୍ତା ବ୍ୟବସ୍ଥାକୁ  ସୁଦୃଢ଼ ଓ କାର୍ଯ୍ୟକାରୀ କରାଯିବ । ଏଭଳି ପଦକ୍ଷେପରେ ଜୀବନରକ୍ଷାକାରୀ ଉପକରଣ, (ସଙ୍କଟସୂଚକ ଟ୍ରାନ୍ସମିଟର୍/ ସ୍ୱୟଂ ପରିଚୟ ନିର୍ଣ୍ଣାୟକ ବ୍ୟବସ୍ଥା), ନୌକାରେ ଯୋଗାଯୋଗ ଯନ୍ତ୍ରପାତି, ମତ୍ସ୍ୟଜିବୀମାନଙ୍କ ଓ ସମ୍ପୃକ୍ତ ପଣଧାରୀମାନଙ୍କ କର୍ମ କୁଶଳତା, କ୍ଷମତା ବୃଦ୍ଧି ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ହେବ ।

### *ମାଛଧରା ଡାଟା ଓ ଗବେଷଣା*

୨୬.୦ ସୁଚିନ୍ତିତ ନିଷ୍ପତ୍ତି ନେବାପାଇଁ ସରକାର  ବିଜ୍ଞାନ ଓ ନୀତି ନିର୍ଣ୍ଣୟ ମଧ୍ୟରେ ଯୋଗସୂତ୍ର ସ୍ଥାପନର ବ୍ୟବସ୍ଥାକୁ ସୁଦୃଢ଼ କରିବେ । ଯେହେତୁ ସଠିକ୍ ନିଷ୍ପତ୍ତି ପାଇଁ ମାଛଧରା କ୍ଷେତ୍ରର ବିଭିନ୍ନ ଦିଗକୁ ବିଚାର କରି ଠିକଣା ସମୟରେ ବ୍ୟାପକ, ବିଶ୍ୱସନୀୟ/ନିର୍ଭରଶୀଳ ଡାଟା ସଂଗ୍ରହ ଦରକାର, ସରକାର କେନ୍ଦ୍ର ଓ ରାଜ୍ୟ ସରକାର, ଗବେଷଣା କେନ୍ଦ୍ର ଓ ହିତଧାରକମାନଙ୍କୁ ନେଇ ଜାତୀୟ ସାମୁଦ୍ରିକ ମତ୍ସ୍ୟଧାରଣ ଡାଟା ସଂଗ୍ରହ ଯୋଜନା କାର୍ଯ୍ୟକାରୀ କରିବେ । ଏହି ଯୋଜନା ଠିକଣା ସମୟରେ ବ୍ୟାପକ, ବିଶ୍ୱସନୀୟ ଡାଟା ସଂଗ୍ରହ, ମାଛଧରା ପରିଚାଳନା ପାଇଁ ଉପଯୁକ୍ତ ବୈଷୟିକ ଜ୍ଞାନ, କ୍ଷମତା ବୃଦ୍ଧି ଜରିଆରେ ଏହି ଅନୁଷ୍ଠାନଗୁଡ଼ିକୁ  ସରକାର ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ।

### *ସାଗରୀୟ କୃଷି*

DRAFT

୨୭·୦ ସତତ ଶୈଳୀରେ ସାଗରୀୟ କୃଷି ଅବଲମ୍ବନ କରାଗଲେ ତାହା ସମୁଦ୍ର ଉପକୂଳରୁ ମତ୍ସ୍ୟ ଉତ୍ପାଦନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ସରକାର ଏ କ୍ଷେତ୍ରର ବିକାଶପାଇଁ ସାଗରୀୟ କୃଷି ଫାର୍ମ /ପାର୍କ, ମାଛ ବିହନ ଯୋଗାଣପାଇଁ ପ୍ରଜନନ କେନ୍ଦ୍ର ସ୍ଥାପନର ଯୋଜନାକୁ ଉତ୍ସାହିତ କରିବେ । ଏହି ଉନ୍ମୁଖ କ୍ଷେତ୍ରର ଆନୁଷ୍ଠାନିକ/ସଂସ୍ଥାଗତ ଓ ବ୍ୟାବସାୟିକ ଆବଶ୍ୟକତା ପୂରଣ ପାଇଁ ଯେଉଁଥିରେ ଲିଜ୍/ପଟ୍ଟା ଅଧିକାର ନୀତି, ସ୍ଥାନଭିତ୍ତିକ ଯୋଜନା,ବୈଷୟିକ ଇନ୍ ପୁଟ୍ ଯଥା ବିହନ, ଖାଦ୍ୟ, ମତ୍ସ୍ୟପାଳନ, ସ୍ୱାସ୍ଥ୍ୟ ଯୋଜନା/ପରିଚାଳନା/ପ୍ରବନ୍ଧନ, ପାରିବେଶିକ ଓ ସାମାଜିକ ପ୍ରଭାବ, ସାଗରୀୟ କୃଷିକୁ ଗ୍ରହଣ କରିବାକୁ ସ୍ଥାନୀୟ ମତ୍ସ୍ୟଜିବୀ ଓ ଉଦ୍ୟୋଗୀମାନଙ୍କ କ୍ଷମତା ବୃଦ୍ଧି, ସ୍ଥାନୀୟ ବଜାର ଓ ମୂଲ୍ୟକଡ଼ିର ବିକାଶ ଦିଗରେ ଉପକୂଳବର୍ତ୍ତୀ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଓ ପଣଧାରୀମାନଙ୍କ ସହ ପରାମର୍ଶ କରି ପଦକ୍ଷେପ ନିଆଯିବ । ସ୍ୱତନ୍ତ୍ରଭାବେ କ୍ଷୁଦ୍ର ମତ୍ସ୍ୟଜିବୀ ସମ୍ପ୍ରଦାୟ/ଗୋଷ୍ଠୀ, ମତ୍ସ୍ୟ ସମବାୟ ସମିତି ଓ ସରକାରୀ ସଂସ୍ଥାର ଅଂଶଗ୍ରହଣକୁ ଉତ୍ସାହିତ କରାଯିବ ।

### *ଦ୍ୱୀପ ମାଛଧରା*

୨୮·୦ ଆଣ୍ଡାମାନ ନିକୋବର ଓ ଲାକ୍ଷାଦ୍ୱୀପର ଦ୍ୱୀପପୁଞ୍ଜରେ ଯଥେଷ୍ଟ ମତ୍ସ୍ୟ ସମ୍ବଳ ରହିଛି ଯେପରିକି ଲାଭଦାୟକ ଟୁନା ଓ ଟୁନା ସଦୃଶ ପ୍ରଜାତି ଗ୍ରୁପର୍, ସ୍ନାପର୍, କୋରାଲ୍ ମାଛ ଇତ୍ୟାଦି । ସେମାନଙ୍କର ଭୌଗୋଳିକ ଦୂରତା ଏଯାଏଁ ମତ୍ସ୍ୟ ଉତ୍ପାଦନର ବିକାଶ ଓ ସମ୍ବଳର ସର୍ବୋତ୍ତମ ବିନିଯୋଗରେ ବାଧା/ବ୍ୟାଘାତ ସୃଷ୍ଟି କରିଛି । ସରକାର ସାଗରୀୟ କୃଷି , ସାମୁଦ୍ରକ ମତ୍ସ୍ୟ ସମ୍ବଳର ସତତ ନିୟୋଜନ/ ସତତ ମତ୍ସ୍ୟ ଉତ୍ପାଦନ ପାଇଁ କାର୍ଯ୍ୟକାରୀ ସ୍ଥାନୀୟ ମତ୍ସ୍ୟଜିବୀଙ୍କ କ୍ଷମତା ବୃଦ୍ଧି, ମାଛଧରା ପରବର୍ତ୍ତୀ କାଳରେ ମତ୍ସ୍ୟଜିବୀଙ୍କୁ ସମର୍ଥନ ଯୋଜନା ନିଷ୍ଠା ସହିତ କାର୍ଯ୍ୟକାରୀ କରିବେ । ଏହା ଫଳରେ ମାଛ ମୁଖ୍ୟ ଭୂଖଣ୍ଡରେ ଥିବା ବଜାର ଓ ସାମୁଦ୍ରିକ ଖାଦ୍ୟର ରପ୍ତାନୀସ୍ଥଳରେ ପହଞ୍ଚିପାରିବ ।

### *ଉତ୍ପାଦନ ପରବର୍ତ୍ତୀ ପ୍ରସଂସ୍କରଣ*

୨୯·୦ ଦେଶରେ ମାଛଗୋଦାମ, ମାଛ ବଜାର ଓ ମାଛଧରା ବନ୍ଦରର ପରିଷ୍କାର ପରିଚ୍ଛନ୍ନତାର ମାନକୁ ଆନ୍ତର୍ଜାତିକ ସ୍ତରକୁ ଉନ୍ନୀତ କରିବାପାଇଁ ଉନ୍ନତି ଆବଶ୍ୟକ । ସରକାର ଏହି ମାଛଧରା କେନ୍ଦ୍ରମାନଙ୍କରେ ସ୍ୱଚ୍ଛତା ରକ୍ଷାପାଇଁ ପଣଧାରୀମାନଙ୍କୁ ସଚେତନ କରିବାପାଇଁ ଯୋଜନା ପ୍ରବର୍ତ୍ତନ କରିବେ । ଏହା ସଙ୍ଗେସଙ୍ଗେ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ ସରକାର ଏବଂ ପୋତାଶ୍ରୟ ଟ୍ରଷ୍ଟ କର୍ତ୍ତୃପକ୍ଷଙ୍କୁ ଏହି ସମସ୍ୟା ସମାଧାନର ବ୍ୟବସ୍ଥା କରିବାପାଇଁ ପଣଧାରୀ–ପରିଚାଳିତ ସମିତିଦ୍ୱାରା ମାଛଜମା କେନ୍ଦ୍ର(ଏଫ୍· ଏଲ୍· ସି·)/ ମାଛଗୋଦାମ /ପୋତାଶ୍ରୟର ନିତିଦିନିଆଁ ପରିଚାଳନା ଲାଗି ଉତ୍ସାହିତ କରାଯିବ । ଏହା ସୁସ୍ଥ ଓ ନିରାପଦ ସାମୁଦ୍ରିକ ଖାଦ୍ୟର ଉପଲବ୍ଧତାକୁ ସୁନିଶ୍ଚିତ କରିବ । ନିର୍ଦ୍ଦିଷ୍ଟଭାବେ ମାଛଧରା ପରେ କ୍ଷମତା ନିର୍ମାଣର ଜରୁରୀ ଆବଶ୍ୟକତା ପୁରଣପାଇଁ ଉଦ୍ୟମ କରାଯିବ ।

·

୩୦·୦ ପର୍ଯ୍ୟାପ୍ତ ଅବସଂରଚନା(Infrastructure) ସାମୁଦ୍ରିକ ମତ୍ସ୍ୟସମ୍ପଦର ମୂଲ୍ୟ ଶୃଙ୍ଖଳ ଓ ଅନେକ ଏମ୍· ସି· ଏସ୍· କାମପାଇଁ ଗୁରୁତ୍ୱର୍ପୂର୍ଣ୍ଣ । ସରକାର ଆବଶ୍ୟକତାର ବ୍ୟାପକ ପୁନର୍ମୂଲ୍ୟାଙ୍କନକୁ ଆଧାର କରି ଓ ଉପକୂଳ ପରିବେଶ ଉପରେ ନ୍ୟୂନତମ ପ୍ରଭାବ ସୁନିଶ୍ଚିତ କରି ପୋତାଶ୍ରୟସ୍ଥିତ ମାଛକଟା କେନ୍ଦ୍ର ଓ ମାଛ ପ୍ରସଂସ୍କରଣ ସମ୍ପଦା ପରି ଅତିରିକ୍ତ ବ୍ୟବସ୍ଥା କରିବେ । ଏଭଳି ସୁବିଧା ପ୍ରତିଷ୍ଠାରେ ପଣଧାରୀମାନଙ୍କ ପ୍ରତ୍ୟକ୍ଷ ଭୂମିକାକୁ ପ୍ରୋତ୍ସାହନ ଦେବାପାଇଁ ମତ୍ସ୍ୟ ସମବାୟ ସମିତିମାନଙ୍କୁ ପି·ପି·ପି· ମାଧ୍ୟମରେ ଆଶୁ ଆବଶ୍ୟକତା ପୂରଣ ସୁନିଶ୍ଚିତ କରିବାପାଇଁ ଉତ୍ସାହିତ କରାଯିବ ।

୩୧·୦ ବର୍ତ୍ତମାନ ହିସାବ କରାଯାଇଛି ଯେ ମାଛଧରା ପରେ ପ୍ରାୟ ଶତକଡ଼ା ୧୫ ଭାଗ ମାଛ ନଷ୍ଟ ହୋଇଥାଏ । ଏହା ପ୍ରାକୃତିକ ସମ୍ବଳର ଚରମ ଅପଚୟ ଯାହାର କି ସଦ୍ ବ୍ୟବହାର କରାଯାଇପାରନ୍ତା । ସରକାର ମାଛଧରା ପରବର୍ତ୍ତୀ ସମୟରେ ହେଉଥିବା କ୍ଷତି ମାଛଧରା ନୌକାରେ ଯତ୍ନ ନେଇ (ଅନ୍ ବୋର୍ଡ ମାଛ ହ୍ୟାଣ୍ଡ ଲିଙ୍ଗ୍) ସମସ୍ୟାର ସମାଧାନ କରିବେ କାରଣ ଏଥିରେ ମାଛ/ମାଛପ୍ରସ୍ତୁତ ଖାଦ୍ୟର ଉଚ୍ଚ ଗୁଣ ମୂଲ୍ୟ ବଢ଼ିବ । ଏହାଦ୍ୱାରା ମୂଲ୍ୟବାନ ମାଛର କ୍ଷତି କମ୍ ହେବ ଓ ଲୋକଙ୍କୁ ଅଧିକ ମାଛ

DRAFT

ଖାଇବାପାଇଁ ମିଳିବ । ବାଇକ୍ୟାଚ୍ କମ୍ କରିବାପାଇଁ ପ୍ରତିକାରମୂଳକ ବ୍ୟବସ୍ଥା ସ୍ୱରୂପ, ମାଛଧରା ନୌକାର ଉପଯୁକ୍ତ ଉପକରଣ, ଗିଅରର ବ୍ୟବହାର ଓ ଅନ୍ୟ ପରିଚଳନା ପଦକ୍ଷେପକୁ ପ୍ରୋତ୍ସାହନ ଦିଆଯିବ ।

୩୨·୦ ମତ୍ସ୍ୟ ଖାଦ୍ୟଶିଳ୍ପରେ ନିମ୍ନମୂଲ୍ୟର ମାଛର କାଟତି ଉଦ୍‌ବେଗର ବିଷୟ କାରଣ ଏହାଦ୍ୱାରା ଅତ୍ୟଧିକ ମାଛଧରା ହେବ ଓ ସାମୁଦ୍ରିକ ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ । ଦେଶର କେତେକ ଉପକୂଳବର୍ତ୍ତୀ ରାଜ୍ୟରେ ଅଞ୍ଚଳରେ ଅତ୍ୟଧିକ ମାଛଧରା ମାଛ ମିଲର ପ୍ରସାର ଭୋଜନାଳୟର ବୃଦ୍ଧି ଛୋଟ ପେଲାଜିକ୍ (ଉଦାହରଣସ୍ୱରୂପ ଅଏଲ୍ ସାର୍ଡିନ୍) ମାଛର ଅତ୍ୟଧିକ ଚାହିଦା ଯୋଗୁଁ ଅତ୍ୟଧିକ ମାଛଧରାକୁ ପ୍ରଶ୍ରୟ ଦେଇଛି ଯାହା ଫଳରେ ପେଲାଜିକ୍ ମାଛର ଭଣ୍ଡାର ହ୍ରାସ ପାଇଛି । ସରକାର ମାଛ ମିଲ୍ ପ୍ଲାଣ୍ଟର ସଂଖ୍ୟାବୃଦ୍ଧି ନିୟନ୍ତ୍ରଣ ଲାଗି ପଦକ୍ଷେପ ନେଇ ଏହି ସମସ୍ୟାର ସମାଧାନ କରିବେ । ***ବ୍ୟବସାୟ***

୩୩·୦ ଭାରତୀୟ ସମୁଦ୍ର ଖାଦ୍ୟ ବିଶ୍ୱର ବ୍ୟବସାୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ସମୟକ୍ରମେ ଭାରତରୁ ରପ୍ତାନୀ କରାଯାଉଥିବା ସାମୁଦ୍ରିକ ଖାଦ୍ୟର ରପ୍ତାନୀ ମାତ୍ରାତ୍ମକ ଓ ଗୁଣାତ୍ମକ ବୃଦ୍ଧି ଘଟିଛି । ଏସବୁ ବିକାଶ ସତ୍ତ୍ୱେ ଭାରତୀୟ ସାମୁଦ୍ରିକ ଖାଦ୍ୟ ଗୁଣାତ୍ମକ ମାନ ବୃଦ୍ଧି ସର୍ବୋତ୍ତମ ମୂଲ୍ୟ ମିଳିନାହିଁ, ଏହାର କାରଣ ହେଲା ପ୍ରଥମତଃ ଖାଦ୍ୟର ମାନବୃଦ୍ଧିର ନିମ୍ନସ୍ତର, ଦ୍ୱିତୀୟତଃ ଖାଦ୍ୟପଦାର୍ଥର ନିମ୍ନସ୍ତରୀୟ ବ୍ରାଣ୍ଡିଂ । ଏସବୁ ବାଧା/ଦୁର୍ବଳତାକୁ ଅତିକ୍ରମ/ସୁଧାରିବାକୁ ସରକାର ପୃଥିବୀର ବିଭିନ୍ନ ଭାଗ/ଅଞ୍ଚଳକୁ ନୂତନ ବଜାରକୁ କିପରି ସହଜରେ ମାଲ ପହଞ୍ଚିପାରିବ, ସେଥିପାଇଁ ଦ୍ରବ୍ୟ ବ୍ରାଣ୍ଡିଂ, ବିସ୍ତାର,ଗୁଣାତ୍ମକ ମାନ ବୃଦ୍ଧିକୁ ପ୍ରୋତ୍ସାହନ ଦେବାକୁ ଉଦ୍ୟମ କରିବେ । ଘରୋଇ କ୍ଷେତ୍ରରେ ମାଛ ଓ ମାଛରୁ ପ୍ରସ୍ତୁତ ଦ୍ରବ୍ୟ/ଜିନିଷ ପାଇଁ ଖାଉଟୀ/ ଉପଭୋକ୍ତାମାନଙ୍କ ବଢ଼ିଚାଲିଥିବା ଚାହିଦା ସହିତ ସରକାର ଚଳିତ ମାଛ ଉତ୍ପାଦ ପାଇଁ ଅବସଂରଚନା ବ୍ୟବସ୍ଥା, ମୂଲ୍ୟ-ଶୃଙ୍ଖଳା, ଏବଂ ଘରୋଇ ମାଛ ବଜାରର ଅନ୍ୟ ପ୍ରସଙ୍ଗର ବିଶଦ ସମୀକ୍ଷା କରିବେ ଓ ଖାଉଟୀ ଯେପରି ଉଚ୍ଚମାନର ମାଛ ଖାଇବାକୁ ପାଇବେ, ତାହା ସୁନିଶ୍ଚିତ କରିବେ ।

୩୪·୦ ବିଶ୍ୱରେ ସାମୁଦ୍ରିକ ଖାଦ୍ୟ ବ୍ୟବସାୟ ଉତ୍ପାଦର ଉତ୍ପତ୍ତିସ୍ଥଳ ଓ ଚେନ୍ ଅଫ୍ କଷ୍ଟୋଡି (chain-of-custody) ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଥିବାରୁ ତାହା ବିଚାରକୁ ନିଆଯିବ । ଆନ୍ତର୍ଜାତିକ ମାନ ସହିତ ଚାହିଦା ପୂରଣ ପାଇଁ ସାମୁଦ୍ରିକ ଖାଦ୍ୟର ବିସ୍ତାର ବ୍ୟତୀତ ମାଛଦ୍ରବ୍ୟ ପାଇଁ ସର୍ବୋତ୍ତମ ମୂଲ୍ୟ ପ୍ରାପ୍ତିର ଉଦ୍ୟମ କରାଯିବ । ପୁନଶ୍ଚ ଘରୋଇ ବଜାରର ମୂଲ୍ୟ-ଶୃଙ୍ଖଳାକୁ ଉନ୍ନତ କରିବାପାଇଁ ମାଛଦ୍ରବ୍ୟକୁ ଭାରତର ଖାଦ୍ୟ ନିରାପତ୍ତା ମାନ କର୍ତ୍ତୃପକ୍ଷ (ଏଫ୍· ଏସ୍· ଏସ୍· ଏ· ଆଇ·)ଙ୍କ ନିର୍ଦ୍ଧାରିତ ମାନଦଣ୍ଡ ସହ ସାମିଲ କରାଯିବ । ଏ ଦିଗରେ ସରକାର (ଏଫ୍· ଏସ୍· ଏସ୍· ଏ· ଆଇ·) ର ମାନଦଣ୍ଡକୁ ରପ୍ତାନୀ ତଦାରଖ ପରିଷଦ (ଇ·ଆଇ·ସି·)ର ମାନଦଣ୍ଡ ସହ ମେଳ କରି ବିଚାର କରିବେ ।

୩୫·୦ କ୍ରମଶଃ ମାଛଧରାର ପାରିବେଶିକ ସତତତାକୁ ପାଇଁ ସୁନିଶ୍ଚିତ କରିବାପାଇଁ ସାମୁଦ୍ରିକ ଖାଦ୍ୟର ଉତ୍ପତ୍ତିସ୍ଥଳର ସୂଚନା ଓ ଇକୋଲେବେଲିଙ୍ଗ ଏକ ବଜାର–ଆଧାରିତ ହସ୍ତକ୍ଷେପ ରୂପେ ଗୁରୁତ୍ୱ ହାସଲ କରିଛି । ଇଉରୋପୀୟ ବଜାରକୁ ରପ୍ତାନୀ କରାଯାଉଥିବା ସାମୁଦ୍ରିକ ଖାଦ୍ୟର ଉତ୍ପତ୍ତି ଦର୍ଶାଇବା ଏକ ବଡ଼ ଆବଶ୍ୟକତା । ଏହା ମନେହୁଏ ଯେ ଆଗାମୀ ବର୍ଷମାନଙ୍କରେ ସାମୁଦ୍ରିକ ଖାଦ୍ୟ ଆମଦାନୀ କରୁଥିବା ଦେଶ ସାର୍ଟିଫିକେଟପ୍ରାପ୍ତ ଓ ଲେବେଲଯୁକ୍ତ ଖାଦ୍ୟ ଦାବୀ କରିବେ । ଭାରତୀୟ ସରକାର ଇକୋଲେବେଲିଙ୍ଗକୁ ଶକ୍ତିଶାଳୀ କରିବାର ବ୍ୟବସ୍ଥା ସୃଷ୍ଟି କରିବେ ଯାହାଦ୍ୱାରା ମତ୍ସ୍ୟଭଣ୍ଡାର, ସାମୁଦ୍ରିକ ଖାଦ୍ୟଶିଳ୍ପ ଓ ମତ୍ସ୍ୟଜିବୀ ଉପକୃତ ହେବେ ।

୩୬·୦ ଖୁଚୁରା ବଜାରରେ ଓ ମାଛଗୋଦାମରେ ମାଛର ବିକ୍ରୀମୂଲ୍ୟରେ ବିରାଟ ବ୍ୟବଧାନ ଏହା ସୂଚାଏ ଯେ ଦଲାଲମାନେ ଏଥିରୁ ବିଶେଷ ଫାଇଦା ଉଠାଉଛନ୍ତି । ଋଣଜାଲରେ ବନ୍ଧା ପଡ଼ିବାର ଆଶଙ୍କା ମଧ ରହିଛି । ଆବଶ୍ୟକ ସ୍ଥଳେ ସରକାର ଏ

DRAFT

ମାମଲାରେ ହସ୍ତକ୍ଷେପ କରିବାର ବ୍ୟବସ୍ଥା ରହିବ । ସାହୁକାରମାନଙ୍କ ଉପରେ ମତ୍ସ୍ୟଜିବୀମାନଙ୍କ ନିର୍ଭରଶୀଳତା କମ୍ କରାଯିବ । ମତ୍ସ୍ୟଜିବୀ/ ରାଜ୍ୟ ପରିଚାଳିତ ସମବାୟ ସମିତି ଜରିଆରେ ବଜାରକୁ ସୁଦୃଢ଼ କରିବାପାଇଁ ଉଦ୍ୟମ କରାଯିବ ।

### *ସାମୁଦ୍ରିକ ପରିବେଶ ଓ ପ୍ରଦୂଷଣ*

୩୭·୦ ଭାରତୀୟ ସାମୁଦ୍ରିକ ପରିବେଶ ପ୍ରଦୂଷଣ ଚାପର ଅଧୀନ ଓ ଏହା ମାଛସଂଖ୍ୟା ହ୍ରାସର ଅନ୍ୟତମ କାରଣ । ପୁଣି କାରଖାନା ଓ ନର୍ଦ୍ଦମାରୁ ଆସୁଥିବା ଦୂଷିତ ଜଳର ନିମ୍ନମାନର ବିଶୋଧନ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ(ବିଶେଷଭାବେ ମାଇକ୍ରୋ–ପ୍ଲାଷ୍ଟିକ୍ କଣିକା), ଅଦୃଶ୍ୟ/ଛଦ୍ମ ମାଛଧରା ମତ୍ସ୍ୟ ଭଣ୍ଡାର ଉପରେ କୁପ୍ରଭାବ ପକାଉଛି । ଯେପରି ଜଳ ଓ ସ୍ଥଳଭାଗର ପ୍ରଦୂଷଣ ସଫଳତାପୂର୍ବକ ନିୟନ୍ତ୍ରିତ ହେବ ଓ ପରିବେଶ ବ୍ୟବସ୍ଥା ଉପରେ ନଜର /ନିରୀକ୍ଷଣ ରଖାଯିବ, ତାହା ସୁନିଶ୍ଚିତ କରିବାପାଇଁ ସରକାର ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼  କରିବେ । ନୌକାଗୁଡ଼ିକ କୌଣସି ପ୍ରକାରେ ସାମୁଦ୍ରିକ ପ୍ରଦୂଷଣ କରିବେ ନାହିଁ, ତାହା  ସୁନିଶ୍ଚିତ କରିବାପାଇଁ ମତ୍ସ୍ୟଜିବୀମାନେ ସେମାନଙ୍କର ଡିଜାଇନ୍ ଓ ନିର୍ମାଣ ପ୍ରତି ଆବଶ୍ୟକ ଦୃଷ୍ଟି ଦେବାକୁ ସମସ୍ତ ପ୍ରକାର ଉଦ୍ୟମ କରିବେ ।

୩୮·୦ ପୋତାଶ୍ରୟର ବିକାଶ ଯୋଗୁଁ ସମୟ ସମୟରେ ଉପକୂଳରେ ମୃତ୍ତିକାକ୍ଷୟ ଓ ସମୁଦ୍ରରେ ମାଟିଜମା ହୋଇଥାଏ । ଏସବୁ କାମରେ ଉପକୂଳର ପରିବର୍ତ୍ତନ ଯୋଗୁଁ ପରିବେଶ ଓ ମାଛଧରା ଉପରେ ପ୍ରଭାବ ପଡ଼େ । ଉପକୂଳରେ ମାଛଧରା ପାଇଁ ବିଭିନ୍ନ ସୁବିଧା /ଅବସଂରଚନା(Infrastructure) ନିର୍ମାଣ ବିଚାର କରିବା ସମୟରେ ଏସବୁ ବିଷୟ ପ୍ରତି ଉପଯୁକ୍ତ ଧ୍ୟାନ ଦେବେ ।

୩୯·୦ ଏହା ଭଲଭାବରେ ଜଣା ଯେ ଉପକୂଳ ଓ ନଦୀର ସଙ୍ଗମ ସ୍ଥଳ ଉଭୟର ଅନ୍ତିମ ଭାଗର ପରିବେଶ ଓ ଏ ଅଞ୍ଚଳରେ ଥିବା ମତ୍ସ୍ୟସମ୍ବଳ ମଧୁର ଜଳ ପ୍ରବାହ ଉପରେ ବିଶେଷ ନିର୍ଭରଶୀଳ; କିନ୍ତୁ ମୁହାଣରେ ଏହି ଜଳଭାଗ ମାନବଜନିତ ବିକାଶ ଚାପର ବଶବର୍ତ୍ତୀ ଓ ଏହା ଫଳରେ ମଧୁର ଜଳ ପ୍ରବାହରେ ହ୍ରାସ ଓ ପରିବେଶରେ ଅବନତି ଘଟେ । ଏଭଳି ପରିବର୍ତ୍ତନ ମତ୍ସ୍ୟସମ୍ବଳ ଉପରେ ପ୍ରଭାବ ପକାଏ; ମୁଖ୍ୟତଃ ଚିଙ୍ଗୁଡ଼ି ଯାହାର ଜୀବନ ଚକ୍ରର ଏକ ପର୍ଯ୍ୟାୟ ଉପକୂଳ ନିକଟସ୍ଥ ସ୍ଥଳଭାଗର ଜଳରେ ସଂପୂର୍ଣ୍ଣ ହୁଏ । ତେଣୁ ସରକାର ଉପକୂଳର ଏଭଳି ଅନ୍ତିମ ପର୍ଯ୍ୟାୟର ଇକୋସିଷ୍ଟମ୍ ର ଶୁଦ୍ଧତାକୁ ନିରାପଦ ରଖିବାପାଇଁ ସ୍ଥଳଭାଗରୁ ଜଳଭାଗ ଆଭିମୁଖ୍ୟ ବିଚାର କରିବେ । ଏଥିରେ ସ୍ଥଳଭାଗସ୍ଥ ଜଳ ସମ୍ବଳର ସୁସ୍ଥ ପରିଚାଳନା ଉପକୂଳର ପାରିବେଶିକ ସୁସ୍ଥତାକୁ ସୁନିଶ୍ଚିତ କରିବ ।

୪୦·୦ ସତତ ମତ୍ସ୍ୟ ସମ୍ବଳର ବିକାଶକୁ ପ୍ରୋତ୍ସାହନ ଦେବା ଚିନ୍ତା କଲା ସମୟରେ ସରକାର ପରିବେଶର ଶୁଦ୍ଧତାକୁ ଅକ୍ଷୁର୍ଣ୍ଣ ରଖିବା ଉପରେ ଗୁରୁତ୍ୱ ଦେବେ ଯେପରିକି ସଙ୍କଟାପନ୍ନ, ଲୁପ୍ତପ୍ରାୟ ଓ ସଂରକ୍ଷିତ ମତ୍ସ୍ୟପ୍ରଜାତି ଉପରେ  ପ୍ରତିକୂଳ ପ୍ରଭାବ ନ ପଡ଼େ । ମେନ୍ ଗ୍ରୋଭ୍, ସମୁଦ୍ର ତୃଣଶଯ୍ୟା ଓ କୋରାଲ ରିଫ୍ ଉପକୂଳ ପରିବେଶର ଏକ ଅଭିନ୍ନ ଅଙ୍ଗ; ଏହା ଅନେକ ପ୍ରଜାତି ମାଛ ଓ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ପାଇଁ ବାସସ୍ଥଳୀ (ଉଦାହରଣସ୍ୱରୂପ ଡୁଗଙ୍ଗ୍) । ଏଭଳି ପରିବେଶକୁ ମାନବଜନିତ ପ୍ରଭାବରୁ ସୁରକ୍ଷିତ ରଖାଯିବ ।

### *ଜଳବାୟୁ ପରିବର୍ତ୍ତନ (ଅନୁକୂଳନ ଓ ନୂତନ ଉପକ୍ରମ)*

୪୧·୦ ସାମୁଦ୍ରିକ ମତ୍ସ୍ୟଧାରଣ କ୍ଷେତ୍ର ସମ୍ମୁଖୀନ ହେଉଥିବା ସମସ୍ୟାମାନଙ୍କ ଭିତରେ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସମସ୍ୟା ଓ ଏଥିପାଇଁ ସମୟବଦ୍ଧ ଅନୁକୂଳନ ଏବଂ ପରିଚାଳନା ଆବଶ୍ୟକ । ଭାରତୀୟ ବିଶିଷ୍ଟ ଅର୍ଥନୈତିକ ଇଲାକାରେ ଓ ତା ଚାରିପଟେ ଥିବା  ସାମୁଦ୍ରିକ ମାଛଧରା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଶେଷଭାବେ ପରିଲକ୍ଷିତ ହୁଏ । ଏଭଳି ପ୍ରଭାବ କେତେକ ପ୍ରଜାତିର ମାଛଧରାରେ ପରିବର୍ତ୍ତନ ଆଣିଛି ଓ ମତ୍ସ୍ୟଜିବୀମାନଙ୍କୁ ମାଛଧରା ବଦଳାଇବାକୁ ବାଧ କରୁଛି । ଜଳବାୟୁ ପରିବର୍ତ୍ତନର

DRAFT

ମଧ୍ଯ ସମ୍ବେଦନଶୀଳ ମତ୍ସ୍ୟଭଣ୍ଡାର ହ୍ରାସର ଏକ କାରଣ । ସରକାର ମତ୍ସ୍ୟଭଣ୍ଡାର ଓ ମତ୍ସ୍ୟଜିବୀ ସମୁଦାୟ ଉପରେ ତାର ପ୍ରଭାବ ସମ୍ପର୍କରେ ଜଳବାୟୁ ପରିବର୍ତ୍ତନର ଅଧ୍ୟୟନକୁ ଉତ୍ସାହିତ କରିବେ; ସମୟସୀମା ପରିବେଶ ସହ ଖାପ ଖାଉଥିବା ବିକଳ୍ପ କାର୍ଯ୍ୟକାରୀ କରିବେ । ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତରେ ଭାରତର ଆନ୍ତର୍ଜାତିକ ପ୍ରତିଶ୍ରୁତିର ଅଙ୍ଗ ହିସାବରେ ମାଛଧରା ସମ୍ବନ୍ଧୀୟ କାର୍ଯ୍ୟରୁ ନିର୍ଗତ ଗ୍ରୀନହାଉସ ଗ୍ୟାସ୍ କମ୍ କରି ସବୁଜ ମାଛଚାଷକୁ ଉତ୍ସାହିତ କରାଯିବ ।

***ମତ୍ସ୍ୟଜିବୀ କଲ୍ୟାଣ, ସାମାଜିକ ସୁରକ୍ଷା କବଚ ଓ ଆନୁଷ୍ଠାନିକ ଆର୍ଥିକ ସହାୟତା***

୪୨.୦ ସରକାର ଦେଶରେ ମତ୍ସ୍ୟଜିବୀ ସମ୍ପ୍ରଦାୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଯୋଜନା ( ଡି.ବି.ଟି.ଏ.) ମାଧ୍ୟମରେ ଉପଯୁକ୍ତ ସୁରକ୍ଷା କବଚ ଯୋଗାଇଦେବାକୁ ଚଳିତ ଜନକଲ୍ୟାଣ ଯୋଜନା ଜାରି ରଖିବେ ଓ ସେଗୁଡ଼ିକୁ ଆହୁରି ସୁଦୃଢ଼ କରିବାକୁ ବିଚାର କରିବେ । ଏଭଳି ପଦକ୍ଷେପରେ ସମାଜକଲ୍ୟାଣ, ଗୃହନିର୍ମାଣ ଓ ଅନ୍ୟ ସୁବିଧା ଅନ୍ତର୍ଭୁକ୍ତ ହେବ ।

୪୩.୦ ଅତ୍ୟନ୍ତ ଖରାପ ପାଗ ଯଥା ତୋଫାନ ବାତ୍ୟା ଉଗ୍ର ଲହରୀ/ ଜୁଆର ଆଦିକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଗ୍ରହଣ କରାଯିବ । ସେହି ମର୍ମରେ ମନୁଷ୍ୟକୃତ ବିପର୍ଯ୍ୟୟ ଯଥା ସମୁଦ୍ରରେ ଜାହାଜରୁ ତୈଳ କ୍ଷରଣକୁ ମଧ୍ଯ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଗ୍ରହଣ କରାଯିବ । ଏଥିରେ କ୍ଷତିଗ୍ରସ୍ତ ମତ୍ସ୍ୟଜିବୀମାନଙ୍କୁ ଜୀବିକା ସୁରକ୍ଷାପାଇଁ ଅନୁମୋଦିତ ସହାୟତା ଯୋଗାଇ ଦିଆଯିବ; ମତ୍ସ୍ୟଜିବୀଙ୍କ ସମୁଦ୍ରରେ ପ୍ରାଣହାନି ପରିସ୍ଥିତିରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ମତ୍ସ୍ୟଜିବୀ ପରିବାରକୁ କ୍ଷତିପୂରଣ ମିଳିବାର ପଦ୍ଧତି ସହଜ କରାଯିବ ।

୪୪.୦ ମତ୍ସ୍ୟଭଣ୍ଡାର ଉପରେ ନିଷେଧାଜ୍ଞାର ସୁସ୍ଥ ଓ ସକାରାତ୍ମକ ପ୍ରଭାବକୁ ପଣଧାରୀମାନେ ବହୁସଂଖ୍ୟାରେ ସମର୍ଥନ କରିଛନ୍ତି । କେତେକ ଉପକୂଳବର୍ତ୍ତୀ ରାଜ୍ୟ ଓ ପଣଧାରୀ ୬୧ ଦିନର ନିଷେଧାଜ୍ଞା ମିଆଦରେ ବୃଦ୍ଧି ଆବଶ୍ୟକ ବୋଲି ମତ ଦେଇଛନ୍ତି । ସରକାର ନିଷେଧାଜ୍ଞାର ଉପକାରୀ ଦିଗକୁ ଓ ପଣଧାରୀମାନଙ୍କ ଉତ୍ତମ ସହଯୋଗକୁ ଦୃଷ୍ଟିରେ ରଖି ମତ୍ସ୍ୟଜିବୀଙ୍କୁ ମିଳୁଥିବା କ୍ଷତିପୂରଣ ପ୍ୟାକେଜ୍ ସୁଦୃଢ଼ କରିବେ । ଏହା କେବଳ ପଣଧାରୀମାନଙ୍କ ସମ୍ବଳ ସଂରକ୍ଷଣରେ ଆଗ୍ରହ ବଢ଼ାଇବ ନାହିଁ, ଯେଉଁଠି ମତ୍ସ୍ୟଭଣ୍ଡାର ଅବକ୍ଷୟର ଲକ୍ଷଣ ଦେଖାଯାଇଛି, ତାହାର ପୁନରୁତ୍ଥାନରେ ମଧ୍ଯ ସାହାଯ୍ୟ କରିବ ।

୪୫.୦ ସମୟକ୍ରମେ ମତ୍ସ୍ୟଜିବୀ ସମବାୟ ସମିତିଗୁଡ଼ିକ ଗତିଶୀଳତା ହାସଲ କରିଛନ୍ତି ଏବଂ କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସଫଳତା ପ୍ରଦର୍ଶନ କରିଛନ୍ତି । ମତ୍ସ୍ୟ ସମବାୟ ସମିତିଗୁଡ଼ିକ ମାଛଧରା ଓ ମାଛଧରା ପରବର୍ତ୍ତୀ କାମର ଏକ ଉତ୍ତମ ବ୍ୟବସାୟ ନମୁନା (ମଡେଲ୍) ଗ୍ରହଣ କଲେ ମତ୍ସ୍ୟଜିବୀ ସମୁଦାୟର ସଠିକ୍ ସେବା ହୋଇପାରିବ । ଆବଶ୍ୟକ ସ୍ଥଳେ ସରକାର ସମବାୟ ସମିତିଗୁଡ଼ିକୁ କର୍ମକୁଶଳତା ବିକାଶ, ବୈଷୟିକ ଓ ଆର୍ଥିକ ସାହାଯ୍ୟ ଜରିଆରେ ସଦୃଢ଼ କରିବେ । ସମବାୟ ସମିତିକୁ ମଧ୍ଯ ଜଳବାୟୁ ସମ୍ବନ୍ଧିତ ସମସ୍ୟା ସମାଧାନପାଇଁ ସୁଦୃଢ଼ ବିଜ୍ଞାନଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରାଯିବ ।

୪୬.୦ ମାଛଧରା ଉପକରଣ କିଣିବାପାଇଁ ମତ୍ସ୍ୟଜିବୀମାନଙ୍କୁ ଆନୁଷ୍ଠାନିକ ମୂଳଧନର ଉପଲବ୍ଧତା କଠିନ ହୋଇଛି; ଲାଭର ଅନିଶ୍ଚିତତା ଯୋଗୁଁ ବହୁମତ୍ସ୍ୟଜିବୀ ଦଲାଲ/ସାହୁକାରମାନଙ୍କ ଋଣଜାଲରେ ଫସିଛନ୍ତି । ଏହି ପରିସ୍ଥିତି ସୁଧାରିବାକୁ ସରକାର କୋହଳ ସର୍ତ୍ତରେ ମତ୍ସ୍ୟଜିବୀମାନଙ୍କୁ ଆର୍ଥିକ ସହାୟତା ବିଚାର କରିବେ । ଏ ଦିଗରେ ଭାରତୀୟ କୃଷି ଓ ଗ୍ରାମ୍ୟ ବିକାଶ ବ୍ୟାଙ୍କ୍ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ମତ୍ସ୍ୟିବୀମାନଙ୍କ ଆବଶ୍ୟକତା ପୂରଣ ପାଇଁ ଏହା ବିଚାର କରାଯିବ ।

୪୭.୦ ସରକାର ପାରମ୍ପରିକ ମାଛଧରାରୁ ଅଧିକ ଲାଭପ୍ରଦ ମାଛଧରା ଶୈଳୀ ଶିଖିବାକୁ ଚାହୁଁଥିବା ମତ୍ସ୍ୟଜିବୀମାନଙ୍କ ତାଲିମ , କ୍ଷମତାବୃଦ୍ଧି ଓ ବୈଷୟିକ କର୍ମକୁଶଳତାରେ ଉନ୍ନତି ପାଇଁ ପଦକ୍ଷେପ ଆରମ୍ଭ କରିବେ ।

DRAFT

### *ଲୈଙ୍ଗିକ ସମତା*

୪୮.୦ ମାଛଧରା ପରବର୍ତ୍ତୀ କାମରେ ଶତକଡା ୬୬ରୁ ଅଧିକ ନାରୀ କର୍ମରତ । ନାରୀମାନେ ପରିବାର ଚଳାଇବା ବ୍ୟତୀତ ଖୁଚୁରା ମାଛ ବିକ୍ରୀ ,ମାଛଶୁଖା ଓ ମାଛଦ୍ରବ୍ୟର ଗୁଣାତ୍ମକ ମାନ ବୃଦ୍ଧି କାର୍ଯ୍ୟରେ ସ୍ୱୟଂସେବୀ ଗୋଷ୍ଠୀ ( ଏସ୍. ଏଚ୍. ଜି) ଜରିଆରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସରକାର ନାରୀମାନଙ୍କ ଭୂମିକାକୁ ପ୍ରୋତ୍ସାହନ ଜାରି ରଖିବେ; ମହିଳା ସମବାୟ ସମିତି ଗଠନ, ମହିଳା ଅନୁକୂଳ ବିଶେଷ ଆର୍ଥିକ ସମର୍ଥନ, ଖୁଚୁରା ବ୍ୟବସାୟରେ ସୁରକ୍ଷା, ନିରାପତ୍ତା, ସ୍ୱଚ୍ଛତା, ପରିବହନ ବ୍ୟବସ୍ଥା, କ୍ଷୁଦ୍ରସ୍ତରରେ ମାଛଧରା, ଗୁଣାତ୍ମକ ମାନବୃଦ୍ଧି କାର୍ଯ୍ୟ,  ପରିଚାଳନାରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରାଯିବ ।

### *ଅତିରିକ୍ତ/ବିକଳ୍ପ ଜୀବିକା*

୪୯.୦ କ୍ଷୟିଷ୍ଣୁ ସାମୁଦ୍ରିକ ସମ୍ବଳ ବିଷୟକୁ ଦୃଷ୍ଟିରେ ରଖି ଉପକୂଳରେ ବାସକରୁଥିବା ବହୁସଂଖ୍ୟକ ମତ୍ସ୍ୟଜିବୀମାନଙ୍କ ପାଇଁ ଅତିରିକ୍ତ ବିକଳ୍ପ ଜୀବିକା ଜରୁରୀ । ଏ ପ୍ରସଙ୍ଗରେ ସାଗରୀୟ କୃଷି ଓ ପରିବେଶ ପର୍ଯ୍ୟଟନକୁ  ଗୁରୁତ୍ୱପୂର୍ଣ୍ଣ ମନେ କରାଯାଏ ଓ ଏଥିରେ ଅତିରିକ୍ତ /ବିକଳ୍ପ ଜୀବିକାର ସମ୍ଭାବନା ରହିଛି। ଖେଳ ମାଛଧରା ଓ "ଧର, ଫଟୋ ନିଅ, ଛାଡ଼ି ଦିଅ" (ସି.ପି.ଆର୍.) ଧାରଣା ମତ୍ସ୍ୟ ପର୍ଯ୍ୟଟନ କ୍ଷେତ୍ରରେ ପୃଥିବୀରେ ଗୁରୁତ୍ୱ ହାସଲ କରିଛି । ଆଣ୍ଡାମାନ୍ ନିକୋବର ଓ ଲାକ୍ଷାଦ୍ୱୀପ ଏଭଳି ଯୋଜନାକୁ ପ୍ରୋତ୍ସାହନ ପାଇଁ ଅତ୍ୟନ୍ତ ଉପଯୋଗୀ । ସରକାର  ଧର, ଫଟୋ ନିଅ, ଛାଡ଼ି ଦିଅ (ସି.ପି.ଆର୍.) ପର୍ଯ୍ୟଟନ ଯୋଜନାକୁ ଉପଯୁକ୍ତ ସ୍ଥଳରେ ପ୍ରୋତ୍ସାହନ ଦେବେ; ଉପକୂଳ ଓ ସମୁଦ୍ରରେ ପର୍ଯ୍ୟଟନ ଯୋଜନା ମତ୍ସ୍ୟଜିବୀଙ୍କ ଜୀବିକା ସହ ସମନ୍ୱୟ ରଖି କାର୍ଯ୍ୟକାରୀ କରାଯିବ ।

### *ନୀଳ ପ୍ରଗତିର ପ୍ରାଥମିକ ପଦକ୍ଷେପ*

୫୦.୦ ଦେଶର ଜଳ ଓ ମତ୍ସ୍ୟସମ୍ପଦ କାର୍ଯ୍ୟନୀତିର ସଂଜ୍ଞା ପୁନର୍ନିରୂପଣ କରିବା ସମୟରେ ସରକାର ମତ୍ସ୍ୟସମ୍ପଦର ସତତ ନିୟୋଜନଦ୍ୱାରା ନୀଳକ୍ରାନ୍ତି ଯୁଗରେ ପ୍ରବେଶ ପାଇଁ ପ୍ରତି ବିଶେଷ ଦୃଷ୍ଟି ଦେବେ । ଏହା ଫଳର ମତ୍ସ୍ୟଜିବୀ ଓ ସେମାନଙ୍କର ପରିବାରର ଜୀବନ ଓ ଜୀବିକାରେ ଉନ୍ନତି ସାଧିତ ହେବ । ନୀଳକ୍ରାନ୍ତିରେ ନୀଳ ପ୍ରଗତିର ପ୍ରାଥମିକ ପଦକ୍ଷେପର ସମସ୍ତ ତତ୍ତ୍ୱ ଯଥା ସତତ ବିକାଶ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଓ ଯାହାପାଇଁ ଭାରତ ଚୁକ୍ତିବଦ୍ଧ, ତାହା ଅନ୍ତର୍ଭୁକ୍ତ କରଯିବ ।

୫୧.୦ ସାମୁଦ୍ରିକ ସ୍ଥାନ ପାଇଁ ପ୍ରତିଯୋଗିତା ଯୋଗୁଁ ସାମୁଦ୍ରିକ କ୍ଷେତ୍ର ଯୋଜନାର ଆବଶ୍ୟକତାର ଗୁରୁତ୍ୱ ରହିଛି ।  ଖଣିଜ ଦ୍ରବ୍ୟ ଓ ତେଲ ସନ୍ଧାନର ଚାହିଦା ବୃଦ୍ଧି, ସମୁଦ୍ରରେ ଗମନାଗମନରେ ଭିଡ଼, ପ୍ରତିରକ୍ଷା/ ସାମରିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ସ୍ଥାନ ସଂରକ୍ଷଣ ସଙ୍ଗେ ସଙ୍ଗେ ମାଛଧରା ଅଞ୍ଚଳ ସଙ୍କୁଚିତ ହେଉଛି । ଏସବୁ ସମସାମୟିକ ଘଟଣାକୁ ଦୃଷ୍ଟିରେ ରଖି ସରକାର ସମସ୍ତ ଅର୍ଥନୈତିକ କାର୍ଯ୍ୟକଳାପକୁ ଯଥାର୍ଥ ସ୍ଥାନ ଦେବା ସୁନିଶ୍ଚିତ କରିବାପାଇଁ ଏମ୍. ଏସ୍. ପି. ବିଚାର କରିବେ; ଏହି ପ୍ରକ୍ରିୟାରେ ବିବାଦ ହ୍ରାସ ପାଇବ ।

### *ଆନ୍ତର୍ଜାତିକ ବୁଝାମଣା/ବ୍ୟବସ୍ଥା*

୫୨.୦ ଏବେ ଭାରତୀୟ ମତ୍ସ୍ୟଧାରଣ ବିଶ୍ୱ ପୃଷ୍ଠଭୂମିରେ ସ୍ଥାନିତ । ବିଶ୍ୱର ମାଛଧରା କାର୍ଯ୍ୟସୂଚୀ (ଏଜେଣ୍ଡା) ମାଛଧରା ଓ ପରିବେଶ ସମ୍ବନ୍ଧୀୟ କେତେକ ବାଧ୍ୟତାମୂଳକ ଓ ସ୍ୱେଚ୍ଛାମୂଳକ ନିୟମ ଦ୍ୱାରା ନିର୍ଦ୍ଦେଶିତ । ଭାରତ ଏହିସବୁ ଆନ୍ତର୍ଜାତିକ ରାଜିନାମାରେ ହସ୍ତାକ୍ଷର କରିଥିବାରୁ ଓ ଏସବୁ ମାନିବାକୁ ଏବଂ ମାଛଧରାର ସତତ ନିୟୋଜନ ପାଇଁ ଅଙ୍ଗୀକାରବଦ୍ଧ ହୋଇଥିବାରୁ ଏହା କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି; ନଚେତ୍ ଲକ୍ଷଲକ୍ଷ ମତ୍ସ୍ୟଜିବୀଙ୍କ ଜୀବିକା ଉପରେ ଏହାର କୁପ୍ରଭାବ ପଡ଼ିବ । ସରକାର ଏସବୁ ଆନ୍ତର୍ଜାତିକ ରାଜିନାମାରେ ଉଲ୍ଲିଖିତ ନିୟମର ଯେପରି ପାଳନ କରାଯିବ ତଥା ଆଞ୍ଚଳିକ/ ଆନ୍ତର୍ଜାତିକ ସଂସ୍ଥାମାନଙ୍କର କାର୍ଯ୍ୟରେ ଦେଶ ସକ୍ରିୟ ଅଂଶଗ୍ରହଣ କରିବ, ତାହା ସୁନିଶ୍ଚିତ କରିବେ । ଏହା ଫଳରେ  ସାମୁଦ୍ରିକ ସମ୍ବଳ, ଯାହା ସମଗ୍ର ମାନବଜାତିର ଐତିହ୍ୟର ଏକ ଅଙ୍ଗ, ତାହାର ପରିଚାଳନାରେ ଭାରତର ନେତୃତ୍ୱର ପରିଚୟ ମିଳିବ ।

DRAFT

୫୩.୦ ବର୍ତ୍ତମାନ ଦାୟିତ୍ୱସମ୍ପନ୍ନ ମତ୍ସ୍ୟଧାରଣ ପାଇଁ ଏଫ୍. ଏ. ଓ.ର ଆଚାରସଂହିତା ମାଛଧରା କ୍ଷେତ୍ରରେ ସ୍ୱେଚ୍ଛାମୂଳକ ରାଜିନାମାଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଏହାର ପରିସର ବିଶ୍ୱବ୍ୟାପୀ ଓ ଏହା ଉଭୟ ଏଫ୍. ଏ. ଓ.ର ସଦସ୍ୟ ଓ ଅଣସଦସ୍ୟ, ସମସ୍ତ ପ୍ରକାର ଅନୁଷ୍ଠାନ, ମତ୍ସ୍ୟଜିବୀ, ମାଛରୁ ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତ କରୁଥିବା ଲୋକ, ବଜାରରେ ମାଛ ବ୍ୟବସାୟୀ/ବିକାଳୀ ଅର୍ଥାତ୍ ସଂକ୍ଷେପରେ ମତ୍ସ୍ୟଉତ୍ପାଦନର ପରିଚାଳନା ଓ ବିକାଶ ସହ ଜଡ଼ିତ ସମସ୍ତ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ସଂହିତା ସ୍ୱେଚ୍ଛାମୂଳକ କିନ୍ତୁ ଆଗରୁ ଯେପରି କୁହାଯାଇଛି, ଏହାର କେତେକ ଅଂଶରେ ମିଳିତ ଜାତିସଙ୍ଘର ଅନେକ ସମ୍ମିଳନୀ ଓ ରାଜିନାମାର ପ୍ରମୁଖ ଅନୁଚ୍ଛେଦ ଏବଂ ପ୍ରାବଧାନ ଏଥିରେ ଅନ୍ତର୍ଭୁକ୍ତ ଓ ପ୍ରତିଫଳିତ । ଏହି ସଂହିତା ସଂରକ୍ଷଣ, ପରିଚାଳନା, ବିକାଶ ପ୍ରତି ପ୍ରଯୁଜ୍ୟ ନୀତି ଓ ମାନଦଣ୍ଡ ଉଲ୍ଲେଖ କରେ । ସରକାର ଏହା ସୁନିଶ୍ଚିତ କରିବେ ଯେ ସଂହିତାର ନୀତିସବୁ ସାମୁଦ୍ରିକ ମାଛଧରା କ୍ଷେତ୍ର ସଂକ୍ରାନ୍ତୀୟ ତାଙ୍କର କାର୍ଯ୍ୟକଳାପ/ପଦକ୍ଷେପରେ ସମାବିଷ୍ଟ ହେବ ।

୫୪.୦ ବିଶ୍ୱ ସମୁଦାୟ ଦାରିଦ୍ର୍ୟ ଦୂରୀକରଣ ଓ ଖାଦ୍ୟ ସୁରକ୍ଷାରେ କ୍ଷୁଦ୍ର ମାଛଧରା ଉଦ୍ୟୋଗର ଅବଦାନର ଗୁରୁତ୍ୱକୁ ସ୍ୱୀକୃତି ଦେଇଛି ଏବଂ ସତତ କ୍ଷୁଦ୍ର ମାଛଧରା ଶିଳ୍ପ ପାଇଁ ଉଦ୍ଦିଷ୍ଟ ସ୍ୱେଚ୍ଛାମୂଳକ ମାର୍ଗଦର୍ଶିକା ଭି. ଜି. ଏସ୍. ଏସ୍. ଏଫ୍ ଗ୍ରହଣ କରିବାକୁ ସମ୍ପ୍ରତି ପ୍ରକାଶ କରିଛି । ଆଶା କରାଯାଏ ଯେ ଭି. ଜି. ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକାର ମୁଖ୍ୟ ଲକ୍ଷ୍ୟଗୁଡ଼ିକ ଖାଦ୍ୟ ସୁରକ୍ଷା ଓ ଦାରିଦ୍ର୍ୟ ନିରାକରଣ ପରିପ୍ରେକ୍ଷୀରେ ମାନବ ଅଧିକାର ଆଧାରିତ ଆଭିମୁଖ୍ୟକୁ ଉତ୍ସାହ ପ୍ରଦାନ ଓ କ୍ଷୁଦ୍ର ମତ୍ସ୍ୟଜିବୀ ସମୁଦାୟର ସଶକ୍ତିକରଣ ଦ୍ୱାରା ହାସଲ କରିହେବ । ସରକାର ଭି. ଜି. ଏସ୍. ଏସ୍. ଏଫ୍ ର ବ୍ୟବସ୍ଥାଗୁଡ଼ିକୁ କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ଥିବା ଜଟିଳତା ଓ ମତଭେଦକୁ ଦୃଷ୍ଟିରେ ରଖି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବେ ।

୫୫.୦ ଯେହେତୁ ଆନ୍ତର୍ଜାତିକ ବ୍ୟବସ୍ଥାରେ ଉଲ୍ଲିଖିତ ବାଧ୍ୟତାମୂଳକ ଓ ସ୍ୱେଚ୍ଛାମୂଳକ ନୀତିନିୟମ ପରସ୍ପର ପରିପୂରକ ଅଟନ୍ତି, ଏହା ଆବଶ୍ୟକ ଯେ ସେଗୁଡ଼ିକୁ ପୃଥକ୍ ପୃଥକ୍ ଭାବେ ବିଚାର ନ କରି ସାମଗ୍ରିକ ଭାବେ ଦେଖାଯିବ । ଏଭଳି ବ୍ୟବସ୍ଥାର ଏକ ଅଧିକ ସନ୍ତୁଳିତ ବୋଧଗମ୍ୟତା ଓ ଫଳପ୍ରଦ କାର୍ଯ୍ୟକାରିତା ପାଇଁ ସରକାର ପଣଧାରୀ ଓ ମତ୍ସ୍ୟ ଅନୁଷ୍ଠାନମାନଙ୍କ ସହ ବ୍ୟାପକ ଆଲୋଚନାକୁ ଉତ୍ସାହିତ କରିବେ ।

***ଆଞ୍ଚଳିକ/କ୍ଷେତ୍ରୀୟ ସହଯୋଗ***

**୫୬.୦** ଭାରତୀୟ ଉପମହାଦେଶ ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ ଆରବସାଗର ଦ୍ୱାରା ପରିବେଷ୍ଟିତ । ଏଇ ଦୁଇ ସାଗର ମିଶି ଭାରତ ମହାସାଗରର ଉତ୍ତର ଭାଗ ଗଠନ କରନ୍ତି । ପଶ୍ଚିମ ଉପକୂଳରେ ପାକିସ୍ଥାନ ଓ ମାଲଡିଭ୍ ସହ ଭାରତର ସାମୁଦ୍ରିକ ସୀମା, ପୂର୍ବ ଉପକୂଳରେ ଭାରତର ଶ୍ରୀଲଙ୍କା, ବଙ୍ଗଳାଦେଶ, ବର୍ମା, ଥାଇଲାଣ୍ଡ, ଇଣ୍ଡୋନେସିଆ ସହ ସୀମା ଲାଗି ରହିଛି । କେତେକ କ୍ଷେତ୍ରରେ କେବଳ ସାମୁଦ୍ରିକ ସୀମା ନୁହେଁ, ଇକୋସିଷ୍ଟମ୍/ ପରିବେଶ ମଧ୍ୟ ଲଗାଲଗି ଯେପରିକି ଭାରତ ଶ୍ରୀଲଙ୍କା ମଧ୍ୟରେ ମାନ୍ନାର ଖାଡ଼ି ଓ ପାକ୍ ପ୍ରଣାଳୀ, ଭାରତ ବଙ୍ଗଳାଦେଶ ମଧ୍ୟରେ ସୁନ୍ଦରବନ, ଆଣ୍ଡାମାନ୍ ସାଗରରେ ଥିବା ମର୍ଗୁଇ ଦ୍ୱୀପସମୂହ । ଉଭୟ ଆରବସାଗର ଓ ବଙ୍ଗୋପସାଗରରେ ଯାଯାବର ଓ ସ୍ଥିର-ବସତି ଜାତିର ମାଛ ଯଥା ଟୁନା, ଟୁନାସଦୃଶ ପ୍ରଜାତି, ସାର୍କ ଓ ସ୍ପେନୀୟ ମ୍ୟାକାରେଲ୍ ଅଛନ୍ତି । ଦରକାର ପଡ଼ିଲେ ସରକାର ସମ୍ବଳ ପରିଚାଳନା ଓ ସମ୍ବଳର ସତତ ନିୟୋଜନ ଓ ମାଛ ପ୍ରଜାତି ସଂରକ୍ଷଣରେ ଦୃଢ଼ ଆଞ୍ଚଳିକ ସହଯୋଗକୁ ସମର୍ଥନ ଦେବେ ।

**୫୭.୦** ଭାରତ ମହାସାଗରରେ ନିର୍ଦ୍ଦିଷ୍ଟଭାବେ ମତ୍ସ୍ୟଜିବୀମାନଙ୍କ ସୁରକ୍ଷା ଓ ନିରାପତ୍ତା ମାମଲାରେ ମଧ୍ୟ ସହଯୋଗ ଆବଶ୍ୟକ । ବଙ୍ଗୋପସାଗରରେ ପ୍ରତିକୂଳ ପାଗ ଅନୁଭୂତ ହୁଏ; ପ୍ରତିବର୍ଷ ବହୁସଂଖ୍ୟାରେ ମତ୍ସ୍ୟଜିବୀମାନଙ୍କ ଜୀବନହାନି ହୁଏ କିମ୍ବା ସେମାନେ ବହୁ କଷ୍ଟର ସମ୍ମୁଖୀନ ହୁଅନ୍ତି । ପୁଣି ସାମୁଦ୍ରିକ ମତ୍ସ୍ୟଧାରଣ କ୍ଷେତ୍ରରେ ଦ୍ୱିପାକ୍ଷିକ ବ୍ୟବସ୍ଥା ଓ ଆଞ୍ଚଳିକ ମତ୍ସ୍ୟକେନ୍ଦ୍ର, ପରିବେଶ ସଂସ୍ଥାରେ ଅଂଶଗ୍ରହଣ ଜରିଆରେ ସହଯୋଗ ବୃଦ୍ଧି କରାଯିବ । ଏଭଳି ସହଯୋଗ ଦୁଇ କିମ୍ବା ଅଧିକ ଦେଶର ସାମୁଦ୍ରିକ ସୀମା

DRAFT

ମଧ୍ୟରେ ଥିବା ସାଧାରଣ ସମ୍ବଳ ଓ ପରିବେଶ/ଇକୋସିଷ୍ଟମର ପରିଚାଳନା, ସୀମାନ୍ତର ସମ୍ବଳର ସଦୁପଯୋଗ ପାଇଁ ଉଦ୍ଦିଷ୍ଟ ନୀତି ଓ ଯୋଜନା ମଧ୍ୟରେ ସମନ୍ୱୟ ନିମିତ୍ତ ସହାୟକ ହେବ । ମାନବ ଅଧିକାର ସୁରକ୍ଷାକୁ ମଧ ଏହା ଶକ୍ତିଶାଳୀ କରିବ ଓ ନିର୍ଦ୍ଦିଷ୍ଟଭାବେ ଅନ୍ୟ ଦେଶର ସମୁଦ୍ରରେ ଅନୁପ୍ରବେଶ କରିଥିବା ମତ୍ସ୍ୟଜିବୀମାନଙ୍କୁ ନ୍ୟାୟ ଦେବାରେ ସାହାଯ୍ୟ **କରିବ ।**

୫୮.୦ ଭାରତୀୟ ମତ୍ସ୍ୟଜିବୀମାନେ ସେମାନଙ୍କର ଦକ୍ଷତା, ପରିଶ୍ରମୀ ମନୋବୃତ୍ତି ଓ ପ୍ରତିକୂଳ ପରିସ୍ଥିତିରେ କାମ ପାଇଁ ସାମର୍ଥ୍ୟ ଲାଗି ଅନ୍ୟଦେଶରେ ପରିଚିତ । ପରିଣାମସ୍ୱରୂପ ଭାରତରୁ ଅଧିକରୁ ଅଧିକ ସଂଖ୍ୟାରେ ମତ୍ସ୍ୟଜିବୀ ଅନ୍ୟଦେଶରେ ମାଛଧରା ନୌଭେଳାରେ ନିଯୁକ୍ତି ପାଉଛନ୍ତି । ବହୁ ଘଟଣାରେ ଭାରତୀୟ ମତ୍ସ୍ୟଜିବୀମାନଙ୍କୁ ପଡ଼ୋଶୀ ଦେଶରେ ଅଟକ ରଖାଯାଇଛି; କାରଣ ମାଛଧରା ସମୟରେ ସେମାନେ ଅଜାଣତରେ ଅନ୍ୟଦେଶର ବିଶିଷ୍ଟ ଅର୍ଥନୈତିକ ଅଞ୍ଚଳକୁ ଅନୁପ୍ରବେଶ କରିଥାନ୍ତି । ସାଧାରଣତଃ ସେମାନଙ୍କୁ ମୁକ୍ତ କରିବା ସରକାରଙ୍କ ପକ୍ଷରେ କଷ୍ଟକର ହୋଇଥାଏ । ସରକାର ସୁନିଶ୍ଚିତ କରିବେ ଯେ ଅନ୍ୟଦେଶରେ ମାଛଧରା କ୍ଷେତ୍ରରେ କାମ କରିବାକୁ ଇଚ୍ଛୁକ ମତ୍ସ୍ୟଜିବୀମାନଙ୍କର ଅଜଣା ସମୁଦ୍ରରେ କାମ କରିବାର ଉପଯୁକ୍ତ ଜ୍ଞାନ କୌଶଳ ଅଛି । ସେମାନେ ଔପଚାରିକ ସରକାରୀ ଅନୁମୋଦନ ଜରିଆରେ ଏହା କରିପାରିବେ ।

୫୯.୦ ସାମୁଦ୍ରିକ ମାଛଧରା କ୍ଷେତ୍ରରେ ଉପକୂଳବର୍ତ୍ତୀ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳ, କେନ୍ଦ୍ର ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଓ ବୈଜ୍ଞାନିକ ସଂସ୍ଥା ପରିସରଭୁକ୍ତ ଅନୁଷ୍ଠାନ କର୍ମରତ । ଏଭଳି ବହୁପାକ୍ଷିକ ପ୍ରଶାସନ ବ୍ୟବସ୍ଥାରେ ଏକ ପକ୍ଷରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳ ଓ ଅନ୍ୟ ପକ୍ଷରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ /ବିଭାଗ ମଧ୍ୟରେ ଦୃଢ଼ ସମନ୍ୱୟ ଆବଶ୍ୟକ । ଉପକୂଳବର୍ତ୍ତୀ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ଏଭଳି ସହଯୋଗ ମତ୍ସ୍ୟଧାରଣର ଚିରନ୍ତନତାକୁ ସୁନିଶ୍ଚିତ କରିବାପାଇଁ ନିତାନ୍ତ ଜରୁରୀ । ଏ ଦିଗରେ ସରକାର ବିଚାର କରି ସମ୍ପୃକ୍ତ ସଂସ୍ଥାମାନଙ୍କ ମଧ୍ୟରେ ସୁଚାରୁ ସମନ୍ୱୟ ନିମିତ୍ତ ବ୍ୟବସ୍ଥା କରିବେ ।

୬୦.୦ ଭାରତରେ ସାମୁଦ୍ରିକ ମତ୍ସ୍ୟଧାରଣ ଶୈଳୀ ଓ ସମ୍ବଳ ନିୟୋଜନରେ କ୍ରମାଗତ ପରିବର୍ତ୍ତନ ସହ ଗତିଶୀଳ । ୧୯୮୦ ଦଶକର ଆଦ୍ୟଭାଗରେ ସାମୁଦ୍ରିକ ମତ୍ସ୍ୟଧାରଣ ନିୟନ୍ତ୍ରଣ ନିୟମ (ଏମ୍. ଏଫ୍. ଆର୍. ଏ) ଗୁଡ଼ିକ ଆସିଲା; ୧୯୯୦ ମଧ୍ୟବର୍ତ୍ତୀ କାଳ ସୁଦ୍ଧା କ୍ରମାଗତ ଭାବେ କେତେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଛାଡ଼ି ଏମ୍. ଏଫ୍. ଆର୍. ଏ. ଲାଗୁ ହେଲା । ଅଧିକଂଶ ଏମ୍. ଏଫ୍. ଆର୍. ଏ ବହୁ ଆନ୍ତର୍ଜାତିକ ବ୍ୟବସ୍ଥା (୧୯୮୨ୟୁ. ଏନ୍. ସି. ଏଲ୍. ଓ. ଏସ୍., ୧୯୯୨ୟୁ. ଏନ୍.ଏଫ୍. ଏସ୍. ଏ., ୧୯୯୫ ଏଫ୍ ଏ. ଓ. ସି. ସି. ଆର୍. ଏଫ୍.) ପ୍ରଣୟନ ପୂର୍ବରୁ ଗୃହୀତ ହୋଇଥିଲା ; ଏହାକୁ ଦୃଷ୍ଟିରେ ରଖି ସରକାର ମାଛଧରା ପ୍ରଶାସନପାଇଁ ଚଳିତ ଆଇନକାନୁନ ପରିବର୍ତ୍ତନ/ସଂଶୋଧନ କରିବେ, ଆନ୍ତର୍ଜାତିକ ରାଜିନମା /ବ୍ୟବସ୍ଥା ସହ ତାଳମେଳ ଅଛି କି ନାହିଁ, ମାଛଧରା ପରିଚାଳନାର ସମସ୍ତ ଦିଗକୁ ବିଚାରକୁ ନିଆଯାଇଛି କି ନାହିଁ, ତାହା ସରକାର ବିଚାର କରିବେ । ଉପକୂଳବର୍ତ୍ତୀ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କ ବିଚାରପାଇଁ ନମୁନା ବିଲ ପ୍ରସ୍ତୁତିଦ୍ୱାରା ଏହା କାର୍ଯ୍ୟକାରୀ କରାଯିବ ।

୬୧.୦ ବିଶିଷ୍ଟ ଅର୍ଥନୈତିକ ଅଞ୍ଚଳରେ (୧୨–୨୦୦ ନଟିକାଲ ମାଇଲ ମଧ୍ୟରେ) କେନ୍ଦ୍ର ସରକାରଙ୍କ ମାଛଧରା ଉପରେ ନିୟନ୍ତ୍ରଣ ଅଧିକାର ରହିଛି । ତେଣୁ ଉପଯୁକ୍ତ ଆଇନ ପ୍ରଣୟନଦ୍ୱାରା ମାଛଧରା ପରିଚାଳନା ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି । ସରକାର ବିଶିଷ୍ଟ ଅର୍ଥନୈତିକ ଅଞ୍ଚଳରେ ମତ୍ସ୍ୟଧାରଣର ସତତ ବିକାଶ ଓ ପରିଚାଳନା ପାଇଁ ଏଭଳି ଆଇନ ପ୍ରଣୟନ କରିବାକୁ ପଦକ୍ଷେପ ଗ୍ରହଣ କରିବେ ।

## ଆଗାମୀ ପଥ

୬୨.୦ ଆଶା କରାଯାଏ ଯେ ଏନ୍. ପି. ଏମ୍. ଏଫ୍.୨୦୧୭ ପରବର୍ତ୍ତୀ ଦଶକରେ ସାମୁଦ୍ରିକ ମତ୍ସ୍ୟଧାରଣ କ୍ଷେତ୍ରରେ ବଢ଼ିଚାଲିଥିବା ବହୁମୁଖୀ ଆବଶ୍ୟକତା ପୂରଣ କରିବ । ଏହି ନୀତି ସାମଗ୍ରିକ ମନେହୁଏ ଓ ଏହି ବିବିଧ ଅର୍ଥନୈତିକ ପ୍ରକ୍ରିୟାର

DRAFT

ସମସ୍ତ ଅଙ୍ଗର ଆବଶ୍ୟକତାକୁ ବିଚାରକୁ ନେଇଛି । ଏନ୍‌· ପି· ଏମ୍‌· ଏଫ୍‌·୨୦୧୭ର ସୁପାରିଶଗୁଡ଼ିକ କାର୍ଯ୍ୟକାରୀ ଯୋଜନାରେ ନୀତିରେ ପ୍ରତି ସୁପାରିଶ ପାଇଁ କାର୍ଯ୍ୟସୂଚୀ ସ୍ଥାନିତ/ ଉଲ୍ଲେଖ କରାଯାଇଛି । ଏହି କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରିବାକୁ ସମୟସୀମା, କାମପାଇଁ ଦାୟୀ ସଂସ୍ଥା, କାର୍ଯ୍ୟକାରିତା ଲାଗି ଆବଶ୍ୟକ ପାଣ୍ଠିର ସମ୍ଭାବ୍ୟ ସୂତ୍ର /ଉତ୍ସ ଉଲ୍ଲେଖ କରି ଆହୁରି ବିସ୍ତାର କରାଯିବ । କାର୍ଯ୍ୟକାରୀ ଯୋଜନାରେ ନଜର ଓ ସମୀକ୍ଷା ବିଭାଗରେ ଯୋଜନାର କାର୍ଯ୍ୟକାରିତାରେ ସାମୟିକତା ଓ ଫଳପ୍ରଦତା ସମ୍ପର୍କରେ ଉଲ୍ଲେଖ କରାଯିବ। ଆଶା କରାଯାଏ ଯେ ଏହି ନୀତିର କାର୍ଯ୍ୟକାରିତା ଜରିଆରେ ଭାରତର ସାମୁଦ୍ରିକ ମତ୍ସ୍ୟଧାରଣ କ୍ଷେତ୍ର ଏକ ସତତ ଓ ସୁପରିଚାଳିତ ବ୍ୟବସ୍ଥା ହେବ ଏବଂ ମତ୍ସ୍ୟ ଉତ୍ପାଦନରେ ବୃଦ୍ଧି, ଜୀବିକା, ଲୈଙ୍ଗିକ ନ୍ୟାୟ, ନିଯୁକ୍ତି, ଖାଦ୍ୟ ସୁରକ୍ଷା ଓ ପୋଷଣ ପାଇଁ ବନ୍ଦୋବସ୍ତ, ସାମାଜିକ ଓ ଆର୍ଥିକ ସମତା, ସମ୍ପଦ ସୃଷ୍ଟି ଓ ସମୃଦ୍ଧି  ଇତ୍ୟାଦିକୁ ସୁନିଶ୍ଚିତ କରିବ ।

ଆଦିତ୍ୟ କୁମାର ଯୋଶୀ,ଯୁଗ୍ମସଚିବ,ରିଙ୍ଗ୍ ରୋଡ୍‌, ମାୟାପୁରୀ, ନୂଆଦିଲ୍ଲୀ–୧୧୦୦୬୪
ଭାରତ ସରକାର ପ୍ରେସ୍ ରେ ମୁଦ୍ରିତ, ପ୍ରକାଶନ ନିୟନ୍ତ୍ରକଙ୍କ ଦ୍ୱାରା ପ୍ରକାଶିତ

.

DRAFT